www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 29 Wednesday 30 September, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୨୯ ବୁଧବାର, ୩୦ ସେପ୍ଟେମ୍ବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## କନ୍‌ଷ୍ଟେବଲ୍‌ଙ୍କ ଗୁଳିରେ ୪ ସହକର୍ମୀ ମୃତ



ନୂଆଦିଲ୍ଲୀ ୨୯/୯: ଜମ୍ମୁ କାଶ୍ମୀରର କାଠୁଆ ଜିଲାରେ ମୁତୟନ ଥିବା ସିଆଇଏସଏଫର ହେଡ କନଷ୍ଟେବଲ ଅଦ୍ୱେଷ କୁମାରଙ୍କ ଗୁଳିରେ ସିଆଇଏସଏଫର ଜଣେ ଅଫିସରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ କାଠୁଆ ଜିଲାର ମସ୍କା ଅଂଚଳର ସେବା ପ୍ରୋଜେକ୍ଟରେ ମୁତୟନ ଥିବା ହେଡକନଷ୍ଟେବଲ ଅଦ୍ୱେଷ ନିଜ ଏ.କେ-୪୭ ରାଇଫଲରୁ ଅନ୍ଧାଧୁନ ଗୁଳି ଚଳାଇବାରୁ ଗୋଟିଏ ସ୍ଥାନରେ ମିଟିଂ କରୁଥିବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଙ୍କିତ କୁମାର ପାଣ୍ଡେ, ଏସଆଇ ଲକ୍ଷ୍ମଣ ସିଂହ, କନଷ୍ଟେବଲ ରଫିକ୍ ଅହମ୍ମଦ ଓ ସନ୍ଦୀପ କୁମାର ଗୁରୁତର ହୋଇପଡିଥିଲେ । ଆହତମାନଙ୍କୁ ତୁରନ୍ତ ହିମାଚଳ ପ୍ରଦେଶର ଏନଏଚପିସି ହସ୍ପିଟାଲରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ହେଡ କନଷ୍ଟେବଲ ଅଦ୍ୱେଷ କୁମାରଙ୍କୁ ପୁଲିସ ଗିରଫ କରି ତଦନ୍ତ କରୁଛି । ତେବେ ସେ କାହିଁକି ନିଜ ସହକର୍ମୀଙ୍କୁ ଏଭଳି ଗୁଳିକରି ହତ୍ୟା କଲେ, ତାହା ସ୍ପଷ୍ଟ ହୋଇନାହିଁ । କାଠୁଆ ଏସଏସପି ମୋହିତ ଶର୍ମା ଘଟଣାର ତଦନ୍ତ କରୁଛନ୍ତି ।

## ମଙ୍ଗଳବାର ଭାରତକୁ ୨ ସ୍ୱର୍ଣ୍ଣ

ନୂଆଦିଲ୍ଲୀ ୨୯/୯: ଜାପାନରେ ଚାଲିଥିବା ଏସିଆନ୍ ଗେମ୍ସରେ ମଙ୍ଗଳବାର ଭାରତ ପାଇଁ ବେଶ୍ ମଙ୍ଗଳମୟ ସାବ୍ୟସ୍ତ ହୋଇଛି । ମଙ୍ଗଳବାର ଭାରତର ଖେଳାଳିମାନେ ୨ଟି ସ୍ୱର୍ଣ୍ଣ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ନିରୁ ଧନ୍ଦା ଚଳିତ ଏସିଆଡ୍‌ରେ ଭରତ ପାଇଁ ପ୍ରଥମ ମହିଳା ଭାବେ ବ୍ୟକ୍ତିଗତ ଇଭେଂଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଓମେନ୍‌ସ ଟ୍ରାପରେ ପ୍ରଥମ ସ୍ଥାନ ଅଧିକାର କରି ସେ ଏହି ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେହିପରି ଓମେନ୍ସ ୪ ଗୁଣନ ୪୦୦ ମିଟର ରେସ୍‌ରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ମହିଳା ଟିମ୍ ଟ୍ରାପ୍ ଇଭେଂଟରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ଗୁଲଭୀର ସିଂହ ଚଳିତ ଏସିଆଡରେ ବ୍ୟକ୍ତିଗତ ଭାବେ ତୃତୀୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ମହିଳା ହାଇଜମ୍ପରେ ପୂଜା ବ୍ରୋଞ୍ଜ ମେଡାଲ ଜିତିଥିବା ବେଳେ ପୁରୁଷ ୪ ଗୁଣନ ୪୦୦ ମିଟର ରେସ୍‌ରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।



# ସୁପୋଷିତ ଓଡ଼ିଶା ଗଠନ ସରକାରଙ୍କ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

## ଗ୍ରାଜୁଏସନ୍ ସରିଲେ ଝିଅମାନଙ୍କୁ ମିଳିବ ୧ ଲକ୍ଷ ଟଙ୍କାର ସହାୟତା

ଭୁବନେଶ୍ୱର ୨୯/୯ (ନି.ସୂ): ମଙ୍ଗଳବାର ଦିନ ବରମୁଣ୍ଡାଠାରେ ଆୟୋଜିତ ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ରାଜ୍ୟ ସ୍ତରୀୟ 'ଅଙ୍ଗନ କା ଉତ୍ସବ' ଏବଂ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଏକ ସୁ-ପୋଷିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୁରା ପରିବାରକୁ ସାମିଲ କରାଯାଉଛି। ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି। ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡିଶା ଭାବେ ପ୍ରତିଷ୍ଠିତ କରାଯିବ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ସ୍କୁଲ ମାଧ୍ୟମରେ ମହିଳା ଓ ଶିଶୁମାନଙ୍କର ପୁଷ୍ଟିକର ସ୍ଥିତିରେ ଉନ୍ନତି ଆଣିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଶିଶୁର ଜୀବନର ପ୍ରଥମ ହଜାରେ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧ୍ୟରେ କେବଳ ମା' ନୁହେଁ, ପିତା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ପିଲାର ସଠିକ୍ ପୋଷଣ ଏବଂ ଯତ୍ନ ନେବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ 'ପୋଷଣ ମାସ' ଅବସରରେ ରାଜ୍ୟରେ ଏକାଧିକ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିବା ପ୍ରକାଶ କରିବା ସହ ଆଧାର ପ୍ରମାଣୀକରଣରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ସୂଚନା ଦେଇଛନ୍ତି । ମହିଳା ସଶକ୍ତିକରଣ ଉପରେ ଜୋର୍ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମାଜର ଅଧା ଜନସଂଖ୍ୟା ମହିଳାମାନଙ୍କର କଲ୍ୟାଣ ବିନା ବିକାଶ ଅସମ୍ଭବ। ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା ଯୋଜନା ଆଦି ସମ୍ପର୍କରେ ଉଲ୍ଲେଖ କରିବା ସହ ରାଜ୍ୟ ବଜେଟର ଅତି କମରେ ୪୦ ପ୍ରତିଶତ ମହିଳାମାନଙ୍କ ପାଇଁ ଖର୍ଚ୍ଚ ହେଉଛି ବୋଲି ସେ ଦର୍ଶାଇଥିଲେ । ମହିଳାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ପୃକ୍ତ ସରକାରୀ ଯୋଜନା ଅଧୀନରେ ଥିବା ଝିଅମାନେ ଗ୍ରାଜୁଏସନ୍ ସମ୍ପୂର୍ଣ୍ଣ କରିବା ପରେ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇବେ । ସେହିପରି ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପିଜି ସ୍ତର ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ମାଗଣା କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ, ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଦେଶର ମନୋନୀତ ଘରୋଇ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନ ପାଇଁ ବାପାମାନଙ୍କୁ ପୁରସ୍କୃତ କରିଥିଲେ । ଏହା ସହ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି 'ତ୍ରିରଙ୍ଗା ଥାଳି' ଓ ଗରମ ରନ୍ଧା ଖାଦ୍ୟର ଗୁଣବତ୍ତା ଅନୁଧ୍ୟାନ କରିଥିଲେ ଏବଂ ପିଲାମାନଙ୍କୁ ଖାଦ୍ୟ ମଧ୍ୟ ପରଷି ଥିଲେ । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସ୍ୱାଲ, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ଶିଶୁ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

### ଆମେରିକା ଉପରେ ଅସନ୍ତୋଷ ଝାଡ଼ିଲେ ଜୟଶଙ୍କର

## ଭାରତର ସମସ୍ୟାକୁ ବୁଝୁନି ୱାଶିଂଟନ୍

ନିୟୁୟର୍କ ୨୯/୯: ପାକିସ୍ତାନରୁ ଚାଲିଥିବା ଆତଙ୍କବାଦ ଓ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରସଙ୍ଗରେ ଆମେରିକାର ମନୋଭାବକୁ ନେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ନିୟୁୟର୍କଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ଭାରତ ଉପରେ ବର୍ଷ ବର୍ଷ ଧରି ହେଉଥିବା ଆତଙ୍କବାଦୀ ଆକ୍ରମଣ ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟା। ମାତ୍ର ଆମେରିକା ଭଳି ସହଯୋଗୀ ଦେଶ ଭାରତର ଏହି ସମ୍ବେଦନଶୀଳ ସମସ୍ୟାକୁ ସଠିକ୍ ଭାବେ ନବୁଝିବା କିମ୍ବା ଗୁରୁତ୍ୱ ନଦେବା ଦ୍ୱାରା ଦୁଇ ଦେଶର ବନ୍ଧୁତା ଓ ସମ୍ପର୍କ ଉପରେ ଖରାପ ପ୍ରଭାବ ପଡୁଛି।



ଏହା ସହିତ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି କଠିନ ହେବା ଏବଂ ଆମେରିକାର ନୂଆ ଶୁଳ୍କ (ଟାରିଫ୍) ନୀତି ଯୋଗୁଁ ସମ୍ପର୍କରେ କିଛି ମତଭେଦ ଦେଖାଦେଇଥିବା ସେ ସ୍ୱୀକାର କରିଛନ୍ତି। ଭାରତର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଛୋଟ କାରଖାନାଗୁଡ଼ିକର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଭାରତ ନିଜ ସ୍ଥାପନାରେ କୌଣସି ଆପୋଷ ବୁଝାମଣା କରିନାହିଁ। ତେବେ ବର୍ତ୍ତମାନ ଏହି ବାଣିଜ୍ୟ ଚୁକ୍ତି ଉପରେ ଏକ ପ୍ରକାର ସହମତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମିଥ୍ୟା ଦାବିର କଡ଼ା ଜବାବ ଦେଇଛନ୍ତି ଜୟଶଙ୍କର। ସେ ପାକିସ୍ତାନକୁ ''କ୍ରମାଗତ ଆତଙ୍କବାଦ ରଚୁଥିବା ଦେଶ'' ବୋଲି କହିବା ସହ ଆତଙ୍କବାଦ ଓ ବନ୍ଧୁତା କେବେ ହେଲେ ଏକାଠି ଚାଲିପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ନିଜର ସୁରକ୍ଷା ପାଇଁ ଭାରତ କଠୋର ପଦକ୍ଷେପ ନେବାର ପୂର୍ଣ୍ଣ ଅଧିକାର ରଖିଛି ବୋଲି ସେ ଦୃଢ଼ ଭାବେ କହିଛନ୍ତି।

## ଆରଆଇଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

ନବରଙ୍ଗପୁର ୨୯।୦୯ : ବନ୍ୟା ସମୟରେ ଅବହେଳା କରିବା ପଡିଲା ମହଙ୍ଗା । ବନ୍ୟା ସମୟରେ ଅନୁପସ୍ଥିତି ଯୋଗୁଁ ଆକ୍ସନ ନେଲେ ଜିଲ୍ଲାପାଳ । ନବରଙ୍ଗପୁର କୋଡିଙ୍ଗା ରାଜସ୍ୱ ନିରୀକ୍ଷକ ବିରଞ୍ଚି ନାରାୟଣ ଦାସଙ୍କୁ ନିଲମ୍ବିତ କଲେ ଜିଲ୍ଲାପାଳ । ଏନେଇ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଅଫିସ ଅର୍ଡର ଜାରି ହୋଇଛି। ବନ୍ୟା ଏବଂ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ ହୋଇଥିବା ଛୁଟି ବାତିଲ ନିଷ୍ପତ୍ତି ପରେ ବି ଅନୁପସ୍ଥିତ ରହିଥିଲେ ଆରଆଇ । ଯାହାକୁ ନେଇ ଆକ୍ସନ ନେଇଛନ୍ତି ଜିଲ୍ଲାପାଳ । ନିଲମ୍ବନ ଅବଧିରେ ବିରିଞ୍ଚି ଜିଲ୍ଲା ମୁଖ୍ୟାଳୟ ନବରଙ୍ଗପୁର କଲେକ୍ଟରେଟ୍ ରେଭେନ୍ୟୁ ସେକ୍ସନ ରହିବେ ଏବଂ ସେ ଅତିରିକ୍ତ ଜିଲ୍ଲାପାଳ, ରେଭେନ୍ୟୁଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ। କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

## ଓଏସ୍ଏସ୍‌ଟିଇଟି ପରୀକ୍ଷା ଆଜି

### ପରୀକ୍ଷା ଦେବେ ୫୯ ହଜାର ପରୀକ୍ଷାର୍ଥୀ

କଟକ,୨୯/୦୯(ନି.ସୂ): ଆସନ୍ତାକାଲି ଓଡ଼ିଶା ସେକେଣ୍ଡାରୀ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଓଏସ୍ଏସ୍‌ଟିଇଟି-୨୦୨୬ ଆସନ୍ତା ଅନୁଷ୍ଠିତ ହେବ । ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ଦୁଇଟି ପେପରରେ ହେବାକୁ ଥିବା ପରୀକ୍ଷା ପେପର-୧ ଏବଂ ପେପର-୨ ଏକ ସମୟରେ ହେବ। ପରୀକ୍ଷା ସକାଳ ୯ ଟାରୁ ଆରମ୍ଭ ହୋଇ ଦିନ ୧୧ ଟା ୩୦ ମିନିଟ୍ ଯାଏ ପରୀକ୍ଷା ଚାଲିବ। ସକାଳ ୭ଟା ୪୫ ସୁଦ୍ଧା ସେଣ୍ଟରରେ ପହଞ୍ଚିବାକୁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ପାଇଁ ସାରା ରାଜ୍ୟରେ ୨୬୧ ସେଣ୍ଟର କରାଯାଇଛି। ମୋଟ ୫୯,୩୫୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଓଡ଼ିଶା ବନ୍ଦ ଡାକରାରେ ପ୍ରଭାବିତ ହେବନି ପରୀକ୍ଷା। ପରୀକ୍ଷାର୍ଥୀଙ୍କୁ ନଅଟକାଇବାକୁ ବୋର୍ଡ ସଭାପତି ନିବେଦନ କରିଛନ୍ତି। ହାଇସ୍କୁଲ୍‌ରେ ଶିକ୍ଷକତା ପାଇଁ ଏହି ଯୋଗ୍ୟତା ପରୀକ୍ଷା କରାଯାଉଛି । ଆବେଦନ ପାଇଁ ବିଏଡ୍ ଡିଗ୍ରୀ ସର୍ବନିମ୍ନ ଯୋଗ୍ୟତା ରହିଛି । ୧୫୦ ନମ୍ବର ବିଶିଷ୍ଟ ପରୀକ୍ଷା ଓଏମ୍‌ଆର୍ ସିଟ୍ ?ରେ ହେବ । ଯୋଗ୍ୟତା ଅର୍ଜନ ଲାଗି ସାଧାରଣ ବର୍ଗର ପ୍ରାର୍ଥୀଙ୍କ ଲାଗି ୬୮ ନମ୍ବର ଏବଂ ଏସ୍ ?ସି , ଏସ୍‌ଟି , ଓବିସି ଓ ଶାରୀରିକ ଅକ୍ଷମ ପ୍ରାର୍ଥୀଙ୍କ ଯୋଗ୍ୟତା ଲାଗି ୫୩ ନମ୍ବର ଧାର୍ଯ୍ୟ ରହିଛି ।

## ୮ରେ ଓଡ଼ିଶା ବନ୍ଦ ଡାକରା ଦେଲା କଂଗ୍ରେସ

ଭୁବନେଶ୍ୱର, ୨୯।୯(ନି.ସୂ) ; ଆସନ୍ତା ୮ରେ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ। ମଙ୍ଗଳବାର ଆୟୋଜିତ ଏକ ପ୍ରତିବାଦ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘୋଷଣା କରିଛନ୍ତି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ପିସିସି ସଭାପତି କର୍ମୀଙ୍କୁ ଆହ୍ୱାନ କରିଛନ୍ତି।



ରାଜ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ କଂଗ୍ରେସ ଓଡିଶା ବନ୍ଦ ଡାକରା ଦେଇଛି । ଏମଏମଡିଆର ସଂଶୋଧନ ପ୍ରସଙ୍ଗ, ପାଠ୍ୟପୁସ୍ତକରେ ତ୍ରୁଟି, ନିର୍ବାଚନ କମିଶନଙ୍କ ଇସ୍ତଫା ଦାବିରେ କଂଗ୍ରେସ ଏହି ବନ୍ଦ ଡାକରା ଦେଇଛି। ଆସନ୍ତା ୮ ତାରିଖରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ କରାଯିବ। ପିସିସି ସଭାପତି ସମବେତ କର୍ମୀ ଓ ସମର୍ଥକଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଏହି ଆନ୍ଦୋଳନ ଓଡ଼ିଶାର ଭବିଷ୍ୟତକୁ ସୁରକ୍ଷିତ କରିବ । ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ । ଏହି ଲଢେଇ ହିଁ ପରିବର୍ତ୍ତନର ବାର୍ତ୍ତା ଦେବ। ତେଣୁ ପଞ୍ଚାୟତସ୍ତର, ବ୍ଲକସ୍ତର ଏବଂ ଜିଲ୍ଲାସ୍ତର ସହ ରାଜ୍ୟସ୍ତରୀୟ ସମସ୍ତ ନେତା ଓ କର୍ମୀ ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଭକ୍ତ କହିଛନ୍ତି। ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ସାରା ରାଜ୍ୟର ଦଳୀୟ କର୍ମୀ, ନେତା ଏବଂ ଆଞ୍ଚଳିକ ସଂଗଠନଗୁଡ଼ିକୁ ସାମିଲ ହେବାକୁ କଂଗ୍ରେସ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ଜନସାଧାରଣଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି।

## କେନ୍ଦ୍ର ସରକାରଙ୍କ 'ପ୍ରଗତି ୫୦' ଯୋଜନାରେ ଭୁବନେଶ୍ୱର ଓ ପୁରୀ ସାମିଲ

ଭୁବନେଶ୍ୱର ୨୯/୯ (ନି.ସୂ): କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ରଗତି ୫୦' ଯୋଜନାରେ ଓଡ଼ିଶାର ଦୁଇ ପ୍ରମୁଖ ସହର ଭୁବନେଶ୍ୱର ଏବଂ ପୁରୀକୁ ସାମିଲ କରାଯାଇଛି । ସ୍ୱଚ୍ଛତା ଏବଂ ପରିମଳ କ୍ଷେତ୍ରରେ ଉଚ୍ଚ ମାନଦଣ୍ଡ ସ୍ଥାପନ କରିବା ପାଇଁ ସାରା ଦେଶରୁ ମନୋନୀତ ହୋଇଥିବା ୫୦ଟି ସହର ତାଲିକାରେ ଏହି ଦୁଇ ସହର ସ୍ଥାନ ପାଇଛନ୍ତି । ଏହି ଯୋଜନା ମାଧ୍ୟମରେ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଏବଂ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ କେନ୍ଦ୍ର ପୁରୀକୁ 'ଆଦର୍ଶ ପରିମଳ ସହର' ଭାବରେ ବିକଶିତ କରାଯିବ । କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନାର ତ୍ୱରିତ ରୂପାୟନ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯିବ । ଏହାଦ୍ୱାରା ଉଭୟ ସହର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅନ୍ୟ ପୌରାଞ୍ଚଳ ଗୁଡ଼ିକ ପାଇଁ ଏକ ଉଦାହରଣ ପାଲଟିବେ। ଓଡ଼ିଶା ସରକାର ଏହି 'ପ୍ରଗତି ୫୦' କାର୍ଯ୍ୟକ୍ରମକୁ କେନ୍ଦ୍ର ମନ୍ତ୍ରଣାଳୟ ଏବଂ ସମ୍ପୃକ୍ତ ପୌରସଂସ୍ଥାମାନଙ୍କ ସହଯୋଗରେ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ନଗର ଉନ୍ନୟନ ବିଭାଗର ଅଧିକାରୀ ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି । ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁଯାୟୀ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବ। ଭୁବନେଶ୍ୱର ଏବଂ ପୁରୀର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଚୟନ ଅତ୍ୟନ୍ତ ଗୁରୁତ୍ୱ । କାରଣ ଭୁବନେଶ୍ୱର ରାଜ୍ୟର ମୁଖ୍ୟ ପ୍ରଶାସନିକ କେନ୍ଦ୍ର ହୋଇଥିବା ବେଳେ, ପୁରୀ ଏକ ପ୍ରମୁଖ ସାଂସ୍କୃତିକ ତଥା ଧାର୍ମିକ ପୀଠ ଯେଉଁଠାକୁ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ପୁରୀ ପୌରପାଳିକା ଏବଂ ସ୍ୱଚ୍ଛ ଭାରତ ମିଶନ-ଅର୍ବାନ ଟିମ୍ ମିଳିତ ଭାବରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ପ୍ରଗତିର ତଦାରଖ କରିବେ। ଏହି ଯୋଜନା ମାଧ୍ୟମରେ ସହରର ସ୍ୱଚ୍ଛତା ବ୍ୟବସ୍ଥା ସୁଦୃଢ଼ ହେବା ସହ ବର୍ଜ୍ୟବସ୍ତୁ ପରିଚାଳନାରେ ସାଧାରଣ ନାଗରିକଙ୍କ ଅଂଶଗ୍ରହଣ ମଧ୍ୟ ବୃଦ୍ଧି ପାଇବ । ବିଶେଷ କରି ଭୁବନେଶ୍ୱର ଏବଂ କଟକରେ ବର୍ଜ୍ୟବସ୍ତୁରୁ ଅଙ୍ଗାର ପ୍ରସ୍ତୁତି ଭଳି ଅଭିନବ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି ।





# ବାୟୋ ଫୁଏଲରେ ଆଇଓସିଏଲ କରିବ ବଡ ନିବେଶ

## ୮ ଜିଲ୍ଲାରେ କରିବ ପ୍ରକଳ୍ପ

ଭୁବନେଶ୍ୱର, ୨୯ ।୯ : ବାୟୋ ଫୁଏଲ କ୍ଷେତ୍ରରେ ଇଣ୍ଡିଆନ ଅଏଲ କର୍ପୋରେସନ ( ଆଇଓସିଏଲ) କରିବ ବଡ ନିବେଶ । ୯୬୦ କୋଟି ଟଙ୍କା ନିବେଶ କରି ୮ ଜିଲ୍ଲାରେ କରିବ ବାୟୋ ଗ ପ୍ରକଳ୍ପ । ବାଲେଶ୍ୱର, ବଲାଙ୍ଗିର, ବରଗଡ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ହେବ ଏହି ପ୍ରକଳ୍ପ।ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈ ?ଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୯ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିରେ ୩,୨୮୦.୫୮ କୋଟି ଟଙ୍କାର ନିବେଶ ହେବ। ୧୦,୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବୟନ ଓ ପୋଷାକ , ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ୍, ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର, ଜୈବ-ଇନ୍ଧନ (ବାୟୋଫୁଏଲ୍), ରାସାୟନିକ ପଦାର୍ଥ ଓ ଉତ୍ପାଦନ , ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ପ୍ରକଳ୍ପଗୁଡିକୁ ମଞ୍ଜୁରୀ ମିଳିଛି। ଅନୁଗୁଳ, ଦେବଗଡ, ଗଞ୍ଜାମ, ଜଗତ୍ସିଂହପୁର, ଝାରସୁଗୁଡା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ, ସୁନ୍ଦରଗଡ ଜିଲ୍ଲାରେ ଏହି ପ୍ରକଳ୍ପ ହେବ। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ





ଆମର ଧ୍ୟାନ କେବଳ ନିବେଶ ଆକର୍ଷିତ କରିବା ଉପରେ ନୁହେଁ, ବରଂ ବିଭିନ୍ନ ଅଞ୍ଚଳରେ ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଏବଂ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ରହିଛି। ଡଲାର ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୧୨୫ କୋଟି ନିବେଶ କରିବ। ୧୧୮୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସାଇ ୱାର୍କୱେୟାର ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ଏକ ବୟନ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୫୯ କୋଟି ନିବେଶ ସହିତ ୩୬୫୦ ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବୟନ ଏବଂ ବୈଷୟିକ ବୟନ ଇକୋସିଷ୍ଟମକୁ ମଜବୁତ କରିବ ବୋଲି ଆଶା କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ, ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଲିମିଟେଡ୍ ଖୋର୍ଦ୍ଧାରେ ୧୨୦ କୋଟି ନିବେଶ କରିବ। ଜୟ ଭବାନୀ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକରେ ୧୦୦ କୋଟି ନିବେଶ କରି ସମନ୍ୱିତ ଖାଦ୍ୟ ଏବଂ ମିଠା ସହ-ପ୍ୟାକେଜିଂ ୟୁନିଟ୍ ସ୍ଥାପନ କରିବ।

ଷ୍ଟିଲ୍ ଡାଉନଷ୍ଟିମ୍ କ୍ଷେତ୍ରରେ ତିନୋଟି ନିବେଶ ହେବ। ଏସପିଏସ୍ ଅରିହନ୍ତ ଷ୍ଟିଲ୍ ଷ୍ଟ୍ରକ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ଦେବଗଡ଼ ଠାରେ ୧୪୦ କୋଟି ଟଙ୍କା ନିବେଶ କରିବ। ଷ୍ଟିଲ୍ଏଜ୍ ଫ୍ୟାବ୍ରିକେସନ୍ ସୁନ୍ଦରଗଡ଼ ଠାରେ ୧୦୮.୮୨ କୋଟି ଟଙ୍କା ନିବେଶ କରି ଏକ ଫ୍ୟାବ୍ରିକେସନ୍ ଓ ମେସିନିଂ ୟୁନିଟ୍ ସ୍ଥାପନ କରିବ । ଭୁବନେଶ୍ୱର ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ କଟକ ଠାରେ ୧୦୧.୯୯ କୋଟି ଟଙ୍କା ନିବେଶ କରିବ। ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର 'ଟାଟା ପାୱାର' ଖୋର୍ଦ୍ଧା ଠାରେ ୫୪.୩୧ କୋଟି ଟଙ୍କା ନିବେଶ କରି ଏକ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର' ସ୍ଥାପନ କରିବ। ସେହିପରି କିନେଟା ଗ୍ଲୋବାଲ୍ ଲିମିଟେଡ୍ ୧୭୦ କୋଟି ଟଙ୍କା ନିବେଶରେ ଗଞ୍ଜାମ ଜିଲ୍ଲାରେ ଜୈବ-ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ରସାୟନ ଏବଂ ରାସାୟନିକ ଉତ୍ପାଦ କ୍ଷେତ୍ରରେ ଆକ୍ୱାପ୍ରୁଫ୍ ୱାଲକେୟାର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୬୨.୬୪ କୋଟି ଟଙ୍କା ନିବେଶରେ କଟକଠାରେ ରସାୟନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ। ଆସିପିୟା କେମିକାଲ୍ସ ଆଣ୍ଡ ସଲଭେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରଠାରେ ପେଟ୍ରୋଲିୟମ୍ ଓ ପେଟ୍ରୋକେମିକାଲ୍ ସଲଭେଣ୍ଟ ଡିଷ୍ଟିଲେସନ୍ ୟୁନିଟ୍ ସ୍ଥାପନ କରିବ । ରାମୁକା ଗ୍ଲୋବାଲ୍ ଏଲ୍ଏଲପି ୫୦.୧୫ କୋଟି ଟଙ୍କା ନିବେଶରେ ଅନୁଗୋଳଠାରେ ଲୁହା ଓ ଇସ୍ପାତ ସ୍ଲଗ୍ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରିବ। ପ୍ଲାଷ୍ଟିକ୍ କ୍ଷେତ୍ରରେ ଶ୍ରୀ ଦକ୍ଷିଣେଶ୍ୱରୀ ମା' ପଲିଫ୍ୟାବ୍ସ ଲିମିଟେଡ୍ ଖୋର୍ଦ୍ଧାଠାରେ ଏକ କାରଖାନା ସ୍ଥାପନ କରିବ। ପର୍ଯ୍ୟଟନ କ୍ଷେତ୍ରରେ ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ ଏବଂ ପୁରୀ ଜିଲ୍ଲାରେ ପାଞ୍ଚୋଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ବିବିବି ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମଠାରେ ୨୦୮.୦୪ କୋଟି ଟଙ୍କା ନିବେଶରେ ଏକ ୫-ତାରକା ହୋଟେଲ୍ ସ୍ଥାପନ କରିବ। ସେହିପରି ସି-ପର୍ଲ ଓଡ଼ିଶା ପ୍ରାଇଭେଟ୍ ଲିମିଟେଡ୍ ପୁରୀଠାରେଏକ ୫-ତାରକା ବିଚ୍ ରିସର୍ଟ ସ୍ଥାପନ କରିବ ।

## ଦୁଇଟି କିସ୍ତି ପରେ ବନ୍ଦ ହୋଇଛି 'ସୁଭଦ୍ରା' ଟଙ୍କା

# ସିଡିପିଓ କାର୍ଯ୍ୟାଳୟ ଦ୍ୱାରସ୍ଥ ହେଲେ ହିତାଧିକାରୀ

**ଅମ୍ବାଦଲା, ୨୯।୯(ନି.ସୂ) :** ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ସୁଭଦ୍ରା ଯୋଜନା'ର ସହାୟତା ରାଶିରୁ ବଞ୍ଚିତ ହୋଇ କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳର କିଛି ଯୋଗ୍ୟ ହିତାଧିକାରୀ ମହିଳା। ପ୍ରଥମ ଦୁଇଟି କିସ୍ତି ଟଙ୍କା ସଫଳତାର ସହ ବ୍ୟାଙ୍କ ଖାତାରେ ଜମା ହେବା ପରେ ହଠାତ୍ ପରବର୍ତ୍ତୀ କିସ୍ତି ବନ୍ଦ ହୋଇଯିବାରୁ ସେମାନେ ଆଜି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅମ୍ଳଭଟା ପଞ୍ଚାୟତର ପାଞ୍ଚାଲି ଦୀପ,ଡ଼ିମିରିଗୁଡା ପଞ୍ଚାୟତ ଟିକରପଡା ପାଇକ ସାହିର ଶକୁନ୍ତଳା ପାତ୍ର, ସୂର୍ଯ୍ୟ ପାତ୍ର, ପଦ୍ମିନୀ ପାତ୍ର, ଦୋରାଗାଁର ଉର୍ବଶୀ ପୂଜାରୀ ଓ ସୋନିଆ ନାଏକଙ୍କ ସମେତ ବହୁ ମହିଳା 'ସୁଭଦ୍ରା ଯୋଜନା' ଅଧୀନରେ ଆବେଦନ କରି ପ୍ରଥମେ ଦୁଇଟି କିସ୍ତି ପାଇଥିଲେ। ମାତ୍ର କୌଣସି କାରଣରୁ ପରବର୍ତ୍ତୀ ସମୟରେ ସେମାନଙ୍କ ଖାତାକୁ ଟଙ୍କା ଆସିବା ବନ୍ଦ ହୋଇଯାଇଛି। ଡିବିଟି



ତଥା ଇ-କେୱାଇସି ସମସ୍ୟା କିମ୍ବା ବ୍ୟାଙ୍କ ଲିଙ୍କ୍ ଜନିତ ତ୍ରୁଟି ଯୋଗୁଁ ଏହା ଘଟିଛି କି ନାହିଁ, ସେ ନେଇ ମହିଳାମାନେ ଅନିଶ୍ଚିତତାରେ ରହିଛନ୍ତି।

ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେବା ପରେ ଏହି ମହିଳାମାନେ ନିଜ ନିଜର ଆଧାର କାର୍ଡ ଓ ଆବଶ୍ୟକୀୟ କାଗଜପତ୍ର ଧରି ସିଡିପିଓ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ତଦନ୍ତ କରି ବକେୟା କିସ୍ତି ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

## ଜିଲ୍ଲା ଉନ୍ନୟନ କମିଟି ବୈଠକ

# ବିଭାଗୀୟ ସମନ୍ୱୟ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ନୂଆପଡା, ୨୯।୯(ନି.ସୂ) :** ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମିତି (ଡିଡିସି) ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ୍ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ଉପ-ନିର୍ଦ୍ଦେଶକ (ପରିସଂଖ୍ୟାନ) ଦିଲେଶ୍ୱର ଧରୁଆ ପୂର୍ବ ବୈଠକର କାର୍ଯ୍ୟବିବରଣୀ ଓ ଅନୁପାଳନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଜିଲ୍ଲାପାଳ ବିଭିନ୍ନ ବିଭାଗର ଯୋଜନା ଓ ପ୍ରକଳ୍ପର ଅଗ୍ରଗତି,




ରହିଥିବା ସମସ୍ୟା ଏବଂ ତାହାର ସମାଧାନ ସମ୍ପର୍କରେ ବିଭାଗୱାରୀ ସମୀକ୍ଷା କରିଥିଲେ। ଜମି ଅଧିଗ୍ରହଣ/ଏଲିଏନେସନ୍ ପ୍ରସ୍ତାବଗୁଡ଼ିକର ଦ୍ରୁତ ଅନୁମୋଦନ ଓ ଅନୁପାଳନ ପାଇଁ ସମସ୍ତ ତହସିଲଦାରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେଇ ଅବଶିଷ୍ଟ ଏଲିଏନେସନ୍ ପ୍ରସ୍ତାବଗୁଡ଼ିକର କାର୍ଯ୍ୟ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏମ୍‌ସିଏଚ୍ କୋଠାର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଆର ଆଣ୍ଡ ବି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସହରାଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକର ଛାତରୁ ବର୍ଷାଜଳ ଲିକ୍ ହେବା ସମସ୍ୟାର ଆବଶ୍ୟକ ମରାମତି ଓ ରୁଫିଂ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିବାକୁ ଆରଆଣ୍ଡ ବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକ ପରିଦର୍ଶନ କରିବାକୁ କୁହାଯାଇଥିଲା।

ବୈଠକରେ ଓଏସ୍‌ୱାସ୍‌ର କାର୍ଯ୍ୟଦକ୍ଷତା ମଧ୍ୟ ସମୀକ୍ଷା କରାଯାଇଥିଲା। ଓଏସ୍‌ୱାସ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରଥମ, ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଦ୍ୱିତୀୟ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ତୃତୀୟ ସ୍ଥାନ ପାଇଁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉନ୍ନୟନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମାପ୍ତ କରିବା ସହ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଗ୍ରାମୋଦୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ମୌଳିକ ସୁବିଧା ଏବଂ ସରକାରୀ ଯୋଜନାର ରୂପାୟଣ ସମ୍ପର୍କରେ ଆଲୋଚନା କରାଯାଇ ଏହାର ସୁଚାରୁ ଓ ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ପେଟ୍ରୋଲ ଢାଳି ହୋଇ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ରାଜନଗର, ୨୯।୯(ନି.ସୂ) :** ରାଜନଗର ବ୍ଲକ କୋଇଲିପୁର ପଂଚାୟତ ବାରହାପୁର ଗ୍ରାମର ପ୍ରଦୀପ ଖଣ୍ଡୁଆଳଙ୍କ ସ୍ତ୍ରୀ ଗୀତାଞ୍ଜଳୀ ଖଣ୍ଡୁଆଳ(୩୮) ପାରିବାରିକ କଳହକୁ କେନ୍ଦ୍ର କରି ଗତ ସୋମବାର ଦିନ ନିଜେ ପେଟ୍ରୋଲ ଢାଳି ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ, ପରିବାର ଲୋକଙ୍କ ସହିତ ଗୀତାଞ୍ଜଳୀର ଝଗଡା ହୋଇଥିଲା ।

ତାକୁ କେନ୍ଦ୍ର କରି ସେ ଅତ୍ୟଧିକ କ୍ରୋଧିତ ହୋଇ ଦିନ ପ୍ରାୟ ୧ଟା ପରେ ଘରେ କେହି ନଥିବା ଅବସ୍ଥାରେ ପେଟ୍ରୋଲ ଢାଳି ହୋଇ ନିଜେ ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ।

ମହିଳାଙ୍କ ଶରୀର ପ୍ରାୟ ୮୦ଭାଗ ପୋଡି ଯାଇଥିବାରୁ ଆଶୁ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଭୁବେନଶ୍ୱରର ଏମ୍ସ ହସ୍ପିଟାଲକୁ ନେଇ ଯାଇଥିଲେ । ସେଠାରେ ସଂକଟାପର୍ଣ୍ଣ ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି ।

## ୬ ମାସ ହେଲା ଦରମା ପାଇନଥିବାରୁ

# ଆର୍ଥିକ ସଙ୍କଟରେ ପମ୍ପ ଚାଳକ କର୍ମଚାରୀଙ୍କ ପରିବାର

**ମ.ରାମପୁର, ୨୯।୯(ନି.ସୂ) :** ଲୋକଙ୍କ ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ପମ୍ପ ଚଳାଉଛନ୍ତି, ଜଳ ଯୋଗାଣ ବ୍ୟବସ୍ଥାକୁ ସଚଳ ରଖୁଛନ୍ତି। ହେଲେ ଦୁଃଖର ବିଷୟ, ଯେଉଁ ହାତ ଲୋକଙ୍କ ଶୋଷ ମେଣ୍ଟାଉଛି, ସେହି ହାତରେ ଏବେ ନିଜ ପରିବାର ଚଳାଇବା ପାଇଁ ଟଙ୍କା ନାହିଁ। ଗତ ୬ ମାସ ଧରି ଦରମା ନମିଳିବା ଅଭିଯୋଗରେ ୫୦ ଜଣ ପମ୍ପ ଚାଳକ ତଥା ଏସିଏମ୍ କର୍ମଚାରୀ ଏବେ ଆର୍ଥିକ ଚିନ୍ତାରେ ଦିନ କାଟୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ମ.ରାମପୁର ଅଞ୍ଚଳର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଏହି କର୍ମଚାରୀମାନେ ନିଜ ଦାୟିତ୍ୱ ତୁଲାଉଛନ୍ତି। ପମ୍ପ ଚଳାଇବାଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥାକୁ ସଚଳ ରଖିବା ପର୍ଯ୍ୟନ୍ତ ତାଙ୍କ ଭୂମିକା ରହିଛି। ଲୋକଙ୍କ ଘରେ ପାଣି ପହଞ୍ଚିବା ନିଶ୍ଚିତ କରିବାରେ ସେମାନେ ଦିନରାତି କାମ କରୁଥିଲେ ମଧ୍ୟ ନିଜ ପାରିଶ୍ରମିକ ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ଦରମା ନମିଳିବା ଯୋଗୁଁ ପିଲାଙ୍କ ପାଠପଢ଼ା, ଘରର ଦୈନନ୍ଦିନ ଖର୍ଚ୍ଚ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହୋଇପଡ଼ିଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏପଟେ ଲୋକଙ୍କ ଶୋଷ ମେଣ୍ଟାଇବାର ଦାୟିତ୍ୱ, ସେପଟେ ନିଜ ପରିବାରର ଭୋକ ଓ ଆବଶ୍ୟକତା ଏଭଳି ଦୁଇଟି ଚିନ୍ତା ମଧ୍ୟରେ ସେମାନଙ୍କ ଦିନ କଟୁଥିବା କୁହାଯାଉଛି।

କର୍ମଚାରୀମାନଙ୍କ ବକେୟା ଦରମା ତୁରନ୍ତ ପ୍ରଦାନ କରିବା ସହ ଏଭଳି ସମସ୍ୟାର ପୁନରାବୃତ୍ତି ନହେବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି। ଏଥିସହ ୧୯ ଟି ପଞ୍ଚାୟତର ପାନୀୟ ଜଳ ଯୋଗାଣ ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ସମ୍ପୃକ୍ତ ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

## ଖଇରା ସାହିରେ ରାସ୍ତା ସମସ୍ୟା

# କାଦୁଅ ପଚପଚରେ ଯାଉଛନ୍ତି ୪୫ରୁ ଊର୍ଦ୍ଧ୍ୱ ପରିବାର

**ଅମ୍ବାଦଲା, ୨୯।୯(ନି.ସୂ) :** ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଅମ୍ଳଭଟା ପଞ୍ଚାୟତ ଅନ୍ତର୍ଗତ ଖଇରା ସାହିବାସୀ ଏବେ ବି ରାସ୍ତା ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ସାହିରେ ଦୀର୍ଘଦିନ ଧରି ପକ୍କା ରାସ୍ତା ନ ଥିବାରୁ ବର୍ଷାଦିନେ ସମସ୍ୟା ଅଧିକ ଜଟିଳ ହେଉଛି।



ଏହି ସାହିରେ ୪୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାହି ମଧ୍ୟଦେଇ ଯାଇଥିବା ରାସ୍ତାରେ ବର୍ଷା ହେଲେ ପାଣି ଜମିବା ସହ କାଦୁଅ ପଚପଚ ହୋଇଯାଉଛି। ରାସ୍ତାରେ ଖାଲଖମା ରହିଥିବାରୁ ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଛୋଟ ପିଲା, ବୟସ୍କ ଓ ରୋଗୀଙ୍କୁ ଯାତାୟାତ ସମୟରେ ବିଶେଷ ଅସୁବିଧା ଭୋଗିବାକୁ ପଡୁଛି। ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ସମସ୍ୟା ଆହୁରି ବଢ଼ିଯାଉଛି। ସାହିବାସୀଙ୍କ କହିବାନୁଯାୟୀ, ରାସ୍ତା ନିର୍ମାଣ ପାଇଁ ବହୁବାର ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ମଧ୍ୟ ଏଯାଏ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। କେବଳ ପ୍ରତିଶ୍ରୁତିରେ କାମ ଅଟକି ରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତୁରନ୍ତ ରାସ୍ତା ନିର୍ମାଣ ସହ ଜଳ ନିଷ୍କାସନ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।

# ନାଚଗୀତ ସହ ସମାପନ ହେଲା 'ଆଙ୍ଗନ କା ଉତ୍ସବ'

**କଳାହାଣ୍ଡି, ୨୯।୯(ନି.ସୂ) :** 'ସେବା ସଙ୍କଳ୍ପ ଅଭିଯାନ' ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇ ଯାଇଛି। ଜିଲ୍ଲାର ୧୪ଟି ପ୍ରକଳ୍ପ ଅଧୀନରେ ଥିବା ୨୩୭୭ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା ।

ଏହି ଅବସରରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସୁନ୍ଦର ଭାବେ ସଜାଯାଇ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ନେଇ ବିଭିନ୍ନ ସଚେତନତାମୂଳକ ଓ ପୁଷ୍ଟି ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରାଯାଇ ଥିଲା । ସ୍ଥାନୀୟ ଭାବେ ଉପଲବ୍ଧ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଓ ଫଳମୂଳର ପ୍ରଦର୍ଶନୀ ସହିତ ଶିଶୁମାନଙ୍କ ପାଇଁ ଆନନ୍ଦଦାୟକ ଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ।

ଅଭିଭାବକମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରର ବିଭିନ୍ନ ସେବା, ଶିଶୁଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ, ବୃଦ୍ଧି ଓ ବିକାଶ ସମ୍ପର୍କରେ ସଚେତନ କରାଯାଇଥିଲା । ଏଥିସହ ପୋଷଣ, ପୂର୍ବ-ପ୍ରାଥମିକ ଶିକ୍ଷା, ନିୟମିତ ଓଜନ ଓ ଉଚ୍ଚତା ମାପ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସରକାରୀ ଯୋଜନାଗୁଡ଼ିକର ସୁଫଳ ସମ୍ପର୍କରେ ମଧ୍ୟ ହିତାଧିକାରୀଙ୍କୁ ଅବଗତ କରାଯାଇଥିଲା । 'ଆଙ୍ଗନ କା ଉତ୍ସବ'ର ଏକ



ଅଭିନବ ଆକର୍ଷଣ ଭାବେ ପୁଷ୍ଟିକର ରେସିପି ପ୍ରସ୍ତୁତି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ପୁରୁଷମାନଙ୍କୁ ସକ୍ରିୟ ଭାବେ ସାମିଲ କରାଯାଇ ସେମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନୀୟ ଓ ପୁଷ୍ଟିକର ରେସିପି ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା ।

ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନଙ୍କୁ ଆଜି ଅଙ୍ଗନବାଡ଼ି କେନ୍ଦ୍ର ସ୍ତରରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରମାଣପତ୍ରରେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସ୍ୱାକ୍ଷର ରହିଛି ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମୁଜିବୁନ ନିଶାଙ୍କ ମାର୍ଗଦର୍ଶନରେ ଏବଂ ଡିସି ପୋଷଣ ଶ୍ରୀ ଅଜୟ ବିହାରଙ୍କ ସମନ୍ୱୟରେ ସମସ୍ତ ୧୪ଟି ପ୍ରକଳ୍ପର ସିଡିପିଓ , କ୍ଲଷ୍ଟର ସଂଯୋଜିକା , ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା ଓ ଅଙ୍ଗନବାଡ଼ି ପରିଚାଳନା କମିଟିର ସଦସ୍ୟମାନେ ଉତ୍ସବକୁ ସଫଳ କରିବାରେ ସକ୍ରିୟ ଭୂମିକା ନେଇଥିଲେ । ଏହି ପରି ପ୍ରେକ୍ଷୀରେ ଲାଞ୍ଜିଗଡ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଏହି ଉତ୍ସବକୁ ମହା ସମାରୋହର ସହ ପାଳନ କରାଯାଇଥିଲା।

ଲାଞ୍ଜିଗଡ ସିଡିପିଓ ନିରୁପମା ପେଟନାୟକଙ୍କ ତତ୍ତ୍ୱବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ସମସ୍ତେ ସହଯୋଗ କରିଥିଲେ। ଲାଞ୍ଜିଗଡ ବ୍ଲକ ପାଇକବୋରି ଅଙ୍ଗନବାଡି କେନ୍ଦ୍ର ରେ କର୍ମୀ ଚଞ୍ଚଳା ସାହୁ ଙ୍କ ନେତୃତ୍ୱ ରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗାଁଆଶା କର୍ମୀ, ୱାର୍ଡ ସଭ୍ୟା, ଯାଞ୍ଚ କମିଟି, ମାତୃ କମିଟି, ଗାଁ କଲ୍ୟାଣ ସମିତି ସମସ୍ତ ସଦସ୍ୟ, ଅଙ୍ଗନବାଡି ସହାୟିକା ସମସ୍ତେ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ରାଧାନାଥଙ୍କ ଜୟନ୍ତୀ ପାଳିତ

**କଟକ, ୨୯।୯(ନି.ସୂ) :** ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ କବିବର ରାଧାନାଥ ରାଏଙ୍କ ଜୟନ୍ତୀ କଟକ ମାର୍କତ ନଗର, ସେକ୍ଟର -୬ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସାଧାରଣ ସମ୍ପାଦକ ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ




ବିଶିଷ୍ଟ ପ୍ରବନ୍ଧିକ ଡ଼ ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ, ବରିଷ୍ଠ ସ୍ତମ୍ଭକାର ସତ୍ୟ ରାଏ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଲୋଚକ ଡ଼ ସୁନାମଣି ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମୁଖ୍ୟଅତିଥି ଡ଼ ପଟ୍ଟନାୟକ କହିଲେ, ଓଡ଼ିଆ କାବ୍ୟ କବିତା ସମୃଦ୍ଧ କରିବାରେ ରାଧାନାଥଙ୍କ ଅବଦାନ ଅବିସ୍ମରଣୀୟ । ସମ୍ମାନିତ ଅତିଥି ଡ଼ ରାଏ କବିବରଙ୍କୁ ଓଡ଼ିଆ ସାହିତ୍ୟର ଆଧୁନିକ ସ୍ରଷ୍ଟା ଭାବେ ଅଭିହିତ କରିଥିଲେ । ମୁଖ୍ୟବକ୍ତା ଡ଼ ରାଉତ କବିବର ରାଧାନାଥଙ୍କ ପ୍ରଚଣ୍ଡ ପ୍ରତିଭା ଓଡ଼ିଆ କାବ୍ୟ ସାହିତ୍ୟକୁ ମହିମା ମଣ୍ଡିତ କରିଛି ବୋଲି ମତ ଦେଇଥିଲେ । ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ରାଧାନାଥ ଓଡ଼ିଆ ସାହିତ୍ୟରେ ପ୍ରଥମ ଅମିତ୍ରା ଅକ୍ଷର ପ୍ରୟୋଗ କରି ସଫଳ ହୋଇଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୋପୀନାଥ ପଣ୍ଡା, ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, କବି ମନ୍ମଥ ନାଥ ବରାଳ, କବୀ ସଫଳକ୍ଷ ଦାସ, ଲେଖକ କେଦାରନାଥ ଜାଲି, ସଂଯୋଜ ସାମନ୍ତରାୟ, ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ସୁରେନ୍ଦ୍ର ପ୍ରତାପ ରାଉତ ପ୍ରମୁଖ ରାଧାନାଥଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ତାରିଣୀ ମନ୍ଦିର ଉନ୍ନୟନ ପରିଷଦର ସଭାପତି ବିଭୂପ୍ରସାଦ ତୃପ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମାଜସେବୀ ତଥା ଶିଶୁ ସାହିତ୍ୟିକ ବସନ୍ତ କୁମାର ସାହୁ ଅତିଥିପରିଚୟ ପ୍ରଦାନ କରିଥିଲେ । ଶେଷରେ ସମାଜସେବୀ ସାହିତ୍ୟିକ ନିବାସ ଚନ୍ଦ୍ର ମିଶ୍ର ରାଧାନାଥଙ୍କ ସାରସ୍ୱତ କୃତି ସମ୍ପର୍କରେ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରି ଥିଲେ।

## ଅଭିଯୋଗ ଶୁଣାଣି

# ଭିନ୍ନକ୍ଷମଙ୍କୁ ବଣ୍ଟନ ହେଲା ହ୍ୱିଲ୍‌ଚେୟାର ଓ ଏସ୍‌ଏଚ୍‌ଜିଙ୍କୁ ଚେକ୍ ବଣ୍ଟନ

**କୋରାପୁଟ/ନାରାୟଣପାଟଣା, ୨୯।୯(ନି.ସୂ) :** କୋରାପୁଟ ଜିଲ୍ଲା ପଞ୍ଚାୟତ ସମିତି, ନାରାୟଣପାଟଣାଠାରେ ମଙ୍ଗଳବାର ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କ ଉପସ୍ଥିତିରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ଆଇପିଏସ୍ ରହିତ କୁମାର ବର୍ମା, ଉପଜିଲ୍ଲାପାଳ ଆଇଏଏସ୍ ଫାବି ରଶିଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବେଣୁଧର ସାବରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ



ବିଭାଗର ଅଧିକାରୀ ଓ ନାରାୟଣପାଟଣା ବ୍ଲକର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଜିଲ୍ଲାପାଳ ଭିନ୍ନକ୍ଷମ ହିତାଧିକାରୀଙ୍କୁ ହ୍ୱିଲଚେୟାର ବଣ୍ଟନ କରିଥିଲେ। ଏଥିସହ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ, ଏସ୍ ଏଚ୍ ଜି ମହିଳା ମାନଙ୍କୁ ଚେକ୍ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ଆବଶ୍ୟକ ପଦକ୍ଷେପ ନେବା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ଶୁଣାଣି ଶିବିର ପରେ ଜିଲ୍ଲାପାଳ ନାରାୟଣ ପାଟଣା ବ୍ଲକ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେହିପରି ସ୍ଥାନୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଓ ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କରେ ମଧ୍ୟ ସ୍ଥଳ ପରିଦର୍ଶନ କରି ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଏଲ୍‌ଏମ୍ ବିପିଏମ୍ କିଶୋର କରକରିଆଙ୍କ ସମେତ ବ୍ଲକର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗୁଡାରୀ-ନାଇରା ରାସ୍ତା ପାଲଟିଛି ମରଣଜନ୍ତା, ଲୋକେ ହନ୍ତସନ୍ତ

**ଗୁଡାରୀ, ୨୯।୯(ନି.ସୂ) :** ଗୁଡାରୀ ଠାରୁ ନାଇରା ଛକର ରାସ୍ତା ମରଣଜନ୍ତା ପାଲଟିଥିବାବେଳେ ପ୍ରଶାସନର ନିଦ ଭାଙ୍ଗୁନଥିବା ଜଣାପଡ଼ିଛି।

ସୂଚନା ଅନୁଯାଇ ଗୁଡାରୀ ବଂଶଧାରା ବ୍ରିଜ ଠାରୁ ଶିରିଗୁଡାଛକ ମଧ୍ୟର ରାସ୍ତା ମରଣଜନ୍ତା ପାଲଟି ସେଠାରେ ବସ୍,ଟ୍ରକ ଅଟକି ଯାନବାହନ ଚଳାଚଳ ଠପ୍ ହେଉଥିବା ଯୋଗୁଁ ଗ୍ରାମବାସିଙ୍କ ପ୍ରବଳ ବିରୋଧ କରିଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ସତ୍ତ୍ୱେ ମଧ୍ୟ ପ୍ରଶାସନର କୈଣସି ପଦକ୍ଷେପ ନେଇନଥିଲା। ବର୍ତ୍ତମାନ ନାଇରା ଛକ ନିକଟରେ ପ୍ରବଳ ଖାଲ ହୋଇଥିବାରୁ ସେଠାରେ ଏକ ଚିପସ ବୋଝେଇ ହାଇୱା ଗାଡ଼ି ଗାତ ମଧ୍ୟରେ ଲଟକି ଯାଇଥିବାରୁ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି। ପ୍ରକାଶ ଥାଉକି ଗୁଡାରି ଅଞ୍ଚଳର ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇଥିବା ପଡିଥିବା ବେଳେ ସରକାରଂକ ବୈମାତୃକ ମନୋଭାବ ଯୋଗୁଁ ଗୁଡାରି ବାସିନ୍ଦା ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ହେଉଛି ଗୁଡାରୀ ବିକାଶର ଏକ ନମୁନା ଏଣୁ ତୁରନ୍ତ ଏହାର ସମାଧାନ କରାନଗଲେ



ଆସନ୍ତା ଅକ୍ଟୋବର ଦୁଇ ଗାନ୍ଧି ଜୟନ୍ତି ଅବସରରେ ଗୁଡାରୀ ୟୁତ୍ ଫର ଚେଞ୍ଜଙ୍କ ସହଯୋଗରେ ସାମ୍ବାଦିକ ପ୍ରମୋଦ ପତି ସାଇକେଲ ଯୋଗେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିବା ପାଇଁ ପୁର୍ବରୁ ସୂଚନା ଦିଆଯାଇଛି ଏହାର କାର୍ଯ୍ୟକାରି କେତେଦୂର ସଫଳ ହେବ ଓ ସରକାର ଗୁଡାରୀ ଅଞ୍ଚଳ ବାସିନ୍ଦାଙ୍କ ସମସ୍ୟା କେତେ ଦୁର ସଫଳ କରିପାରିବେ ଦେଖିବାକୁ ବାକି ରହିଲା।

# ଅଙ୍ଗନବାଡି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ଉଦ୍‌ଯାପିତ

**ମ.ରାମପୁର, ୨୯।୯(ନି.ସୂ) :** କଳାହାଣ୍ଡି ଜିଲ୍ଲା ମ.ରାମପୁର ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସିଡିପିଓ ବିଜୟଶ୍ରୀ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଦିବସରେ ପୋଷଣ ପିଠା ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରଦର୍ଶନ, ସ୍ଥାନୀୟ ଭାବରେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ପିଠା ମାନଙ୍କର (ରାନ୍ଧଣ) ପ୍ରତିଯୋଗିତା, ଦ୍ୱିତୀୟ ଦିବସରେ ଶିଶୁ ମାନଙ୍କ ନିମନ୍ତେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଖେଳ, ଚିତ୍ରାଙ୍କନ, ଜେଜେମା ଜେଜେବାପାଙ୍କ ଦ୍ୱାରା ଗଳ୍ପ କଥନ, ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ଅଧ୍ୟୟନ ସାମଗ୍ରୀ(ଆମ କୁନି ପିଲା, ମୋ ବିକାଶ ପତ୍ର ଓ ସୁଖଦ ଲାଳନ ପାଳନ, ଖେଳନାର ପ୍ରଦର୍ଶନ ବା ବ୍ୟବହାର, ଶିଶୁ ମାନଙ୍କୁ ଫଳ, ଲସି ଓ ମାଣ୍ଡିଆ ବିସ୍କୁଟ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଉଦଯାପନୀ ଦିବସରେ ମହିଳା ଓ ଶିଶୁ ମାନଙ୍କ ପାଇଁ କଲ୍ୟାଣ ଯୋଜନା ସଂପର୍କରେ ଆଲୋଚନା, ପୋଷଣ, ସୁଭଦ୍ରା, ମମତା, ଅଦବିକା ଯୋଜନା ସମ୍ପର୍କରେ ଭିଡିଓ ପ୍ରଦର୍ଶନ ଓ ଲାଭର୍ଥୀଙ୍କ ସହ ଆଲୋଚନା, ପ୍ରତିଯୋଗିତାର କୃତୀ ଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସିଆରପି ସିଏମ୍ ଅଙ୍ଗନବାଡି ସହାୟିକାଙ୍କୁ ସମ୍ବର୍ଦ୍ଧନା ସହ ତ୍ରିରଙ୍ଗା ପ୍ଲେଟ ଶୁଭମୁକ୍ତି ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ପିତାମାତା, କିଶୋରୀ ଝିଅ,ଗର୍ଭବତୀ ମହିଳା,ପରିବାର ସଦସ୍ୟ ଏବଂ ଏଏ ସି ସଦସ୍ୟ ମାନେ ସାମିଲ ରହିଥିଲେ । ପ୍ରତି କେନ୍ଦ୍ରର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ମହିଳା ପରିଦର୍ଶିକା ମାର୍ଗ ଦର୍ଶନ କରିଥିଲେ ।

# 'ମିଳନ ପରିବାର' ପକ୍ଷରୁ ଦିଲ୍ଲୀରେ ନୂଆଁଖାଇ ଭେଟଘାଟ

**ନୂଆଦିଲ୍ଲୀ /ଲକ୍ଷ୍ମୀ ନାରାୟଣ ବେବର୍ତ୍ତା (ଆ. ପ୍ର.) :** ଦିଲ୍ଲୀର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ମିଳନ ପରିବାର' ତରଫରୁ ଗତ ରବିବାର ଦିନ ପଶ୍ଚିମ ଓଡିଶାର ଲୋକପ୍ରିୟ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ' ଭେଟଘାଟ ଗତ ରବିବାର ଦିନ ସ୍ଥାନୀୟ ଇଣ୍ଡିଆ ଗେଟ ପାଣ୍ଡରା ରୋଡ ସ୍ଥିତ ପାଣ୍ଡରା ପାର୍କ ପରିସରରେ ଅତି ଧୂମଧାମ ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନାନା



ଗଙ୍ଗାଧର ପତିଙ୍କ ଦ୍ୱାରା ମା ସମଲେଶ୍ୱରୀଙ୍କ ନିକଟରେ ପୂଜା ଅର୍ଚ୍ଚନା କରାଯିବା ପରେ ପରେ ରାଜ୍ୟର କଳାହାଣ୍ଡି, ସମ୍ବଲପୁର, ବଲାଙ୍ଗୀରରୁ ଆସିଥିବା ବହୁ ନାମିଦାମୀ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ବିଶେଷ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ଲୋକପ୍ରିୟ କଣ୍ଠ ଶିଳ୍ପୀ ସଂଜୁ ମହାନ୍ତି ଙ୍କ ସୁମଧୁର କଣ୍ଠ ରୁ ଭାଷୀ ଆସିଥିବା ଗୋଟିଏ ପରେ ଗୋଟିଏ ଆଧୁନିକ ଓ ପୁରାତନ ସମ୍ବଲପୁରୀ ସଂଗୀତ ।ସେହିଭଳି କଣ୍ଠ ଶିଳ୍ପୀ ଦୁଷ୍ମନ୍ତ ସୁନା, ତ୍ରିଲୋଚନ ସୁନା, ସୁଚିତ୍ରା ଦାସ ଓ ସମୀର ଲୁହା ମଧ୍ୟ ଅନେକ ସୁମଧୁର ସଂଗୀତ ଗାଇ ଦର୍ଶକ ମାନଙ୍କୁ ମଞ୍ଚ ତଳେ ବେସ କିଛି ସମୟ ନଚାଇଥିଲେ। ଆୟୋଜିତ ଏହି ଉତ୍ସବ ରେ ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ସହଧର୍ମିଣୀ ମୃଦୁଳା ଠାକୁର ପ୍ରଧାନ, କେନ୍ଦ୍ରାପଡ଼ା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ପ୍ରବେଶ ସିଂ ବର୍ମା ଙ୍କ ଧର୍ମ ପତ୍ନୀ ସ୍ୱକ୍ଷତୀ ସିଂ ବର୍ମା, ଅବସର ପ୍ରାପ୍ତ ବରିଷ୍ଠ ପୋଲିସ ପ୍ରଶାସକ ଡ଼. ସଂଜୀବ ପାଟଯୋଶୀ ପ୍ରମୁଖ ଅତିଥି ଭାବେ ଏଥିରେ ଯୋଗ ଦେଇ ମିଳନ ପରିବାର କୁ ଉତ୍ସାହିତ କରିଥିଲେ।

ଓଡିଶାରୁ ଆସିଥିବା ମଞ୍ଚ ଉପସ୍ଥାପକ ସୁଧୀର ନାୟକ ଅତି ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ। ଆୟୋଜିତ ଏହି ଉତ୍ସ କୁ ମିଳନ ପରିବାର ର ସଭାପତି ଶଶୀଭୁଷଣ ମହାନନ୍ଦ, ଉପ ସଭାପତି ନନ୍ଦ କିଶୋର ବାଗ, ସମ୍ପାଦକ ବିଶ୍ୱନାଥ ନାଗ, ଯୁଗ୍ମ ସଚୀବ ଅରୁଣ କୁମାର, କୋଷାଧକ୍ଷ ଦୁର୍ଯ୍ୟୋଧନ କୁମାର, ସହ କୋଷାଧକ୍ଷ ଗଣେଶ ହରପାଲ ଙ୍କ ସହ ମିଳନ ପରିବାର ସମସ୍ତ ପ୍ରମୁଖ ସଦସ୍ୟ ପରିଚାଳନା କରିବା ଦିଗରେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ।

# ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ଡିବିଏଲର ମନୋମୁଖୀ କାର୍ଯ୍ୟ ପାଇଁ ହନ୍ତସନ୍ତ ଜନସାଧାରଣ

**ରସୁଲପୁର, ୨୯।୯(ନି.ସୂ) :** ଯାଜପୁର ଜିଲ୍ଲାର କୁଆଖିଆ ଏକ ବ୍ୟବସାୟିକ ଏବଂ ବ୍ୟସ୍ତବହୁଳ ବଜାର। କୁଆଖିଆ ବଜାର କେବଳ ଯାଜପୁର ନୁହଁ ବରଂ ସମସ୍ତ ପୂର୍ବ ଏବଂ ଉତ୍ତର ଭାରତ ସଂଯୋଗୀକରଣ ର କେନ୍ଦ୍ରବିନ୍ଦୁ । ଏହାର ଭୌଗଳିକ ଅବସ୍ଥିତି ଗମନାଗମନରେ ସାରାଭାରତରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରୁଛି ଏବଂ କୋଳଥଳ ଚଣ୍ଡୀପୁରରିଙ୍ଗ ରୋଡ ହେଉଛି କୁଆଖିଆ ବଜାର ର ମେରୁଦଣ୍ଡ। ଯାହାକି କୁଆଖିଆ ବଜାରର ଭିଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ସୂଚନା ମୁତାବକ କୋଳଥଳ କୁଆଖିଆ-ଚଣ୍ଡୀପୁର ଆରଡ଼ି ରୋଡ ରାଜ୍ୟସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଛି। ସ୍ଥାନୀୟଲୋକଙ୍କ କହିବା ମୁତାବକ କୁଆଖିଆ ବଜାରର ଭିଡକୁ ଏଡାଇବା ପାଇଁ ଦୈନନ୍ଦିନ କୁଆଖିଆ କୋଳଥଳ ବାଇପାସ୍ ଦେଇ ଶହ ଶହ ଗାଡି ଯାତାୟାତ କରିଥାନ୍ତି ।

କୁଆଖିଆ ବଜାର ର ଭିଡକୁ ନିୟନ୍ତ୍ରଣ କରିବାର ଗୁରୁତ୍ୱକୁ ଅନୁଭବ କରି ତତକାଳୀନ ବିଧାୟକ,ରାଜ୍ୟସଭା ସାଂସଦ ତଥା ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗରେ ମନ୍ତ୍ରୀ ଥିବା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପରିଚିତ ନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ପ୍ରଚେଷ୍ଟା ଏବଂ କୋଳଥଳ ଚଣ୍ଡୀପୁର ଗ୍ରାମବାସିଙ୍କ ସହଯୋଗରେ କୋଳଥଳ-ଚଣ୍ଡୀପୁର କୁଆଖିଆ ରିଙ୍ଗରୋଡକୁ ଏକ ବାଇପାସ ରୋଡ ଜରିଆରେ ୨୦୦୭ ମସିହାରେ ସିଧାସଳଖ ଭାବରେ ଏନଏଚ ୧୬ ସହ ସଂଯୋଗ କରାଯାଇଥିଲା ଏ। ଏହି ନିଷ୍ପତି କୁଆଖିଆ ବଜାରର ଭିଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କଲା। ୧୬ନମ୍ବର ଜାତୀୟ ରାଜପଥ ସାମ୍ପ୍ରସାରଣ ସମୟରେ ଜାତୀୟ



ରାଜପଥ ପ୍ରାଧିକରଣ ବିଭାଗର ଠିକାସଂସ୍ଥା ଡିବିଏଲ କୋଳଥଳ ସାତପୋଲିଆ ଠାରେ ଏକ ହାଇଲେବେଲ ବ୍ରିଜ କାମ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟିକୁ ସମ୍ପୂର୍ଣ୍ଣ ନିଜ କାର୍ଯ୍ୟରେ ବ୍ୟବହାର କରିଥିଲେ। ଯଦ୍ଦ୍ୱାରା ସାଧାରଣ ଲୋକଙ୍କ ଯିବାଆସିବାରେ ଅସୁବିଧା ସୃଷ୍ଟିହେଲା ଏବଂ ଏହି ଘଟଣାକୁ ନେଇ ନିର୍ମାଣ ସଂସ୍ଥା ଏବଂ ଉଭୟ ଗ୍ରାମବାସୀ ମଧ୍ୟ ରେ ବିବାଦ ଦେଖା ଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ମାତ୍ରାଧିକ ଭାରୀଯାନ ଚଳାଚଳକୁ ବିରୋଧ କରାଯିବାରୁ ତତ୍କାଳୀନ ଜାତୀୟ ରାଜପଥ ପ୍ରାଧିକରଣର ଠିକା ସଂସ୍ଥା ଡିବିଏଲର ପ୍ରୋଜେକ୍ଟ ମ୍ୟାନେଜର ହରିହର ସିଂ ଏ ଘଟଣାକୁ ସମାଧାନ ସ୍ୱରୂପ ଆମେ ବ୍ରିଜ କାମ ପରେ ନଷ୍ଟ ହୋଇଥିବା ରାସ୍ତା ଟିକୁ ନୂଆ ଏବଂ ଉନ୍ନତ ମାନର କରିଦେବୁ ବୋଲି ପ୍ରତିଶୃତି ଦେଇଥିଲେ । ଏହି ପ୍ରତିଶୃତି କୋଳଥଳ ଏବଂ ଚଣ୍ଡୀପୁର ଗ୍ରାମବାସୀ ପାଇବା ପରେ ହୋଇଥିବା ବିବାଦର ସାମୟିକ ସମାଧାନ ହୋଇଥିଲା। କିନ୍ତୁ ବ୍ରିଜ କାମ ସରିବା ପରେ ମଧ୍ୟ ଡିବିଏଲ ଠିକା ସଂସ୍ଥା ଆଉ କାମ କରିନଥିଲେ ଏବଂ ଗ୍ରାମବାସୀଙ୍କ ତରଫରୁ ଫୋନ କରାଯିବାରୁ ସେମାନେ ଜିଲ୍ଲା ପ୍ରୋଜେକ୍ଟ ଡିରେକଟରଙ୍କୁ ଭେଟ କରିବାକୁ କହି ଫୋନ୍ କାଟିଥିଲେ। ସେଦିନ ଠାରୁ ଏପର୍ଯ୍ୟନ୍ତ ରାସ୍ତା କାମ ନକରି ପକାଇ ରଖିଛି ଡିବିଏଲ। ଡିବିଏଲ କମ୍ପାନୀର ମନୋମୁଖୀ କାର୍ଯ୍ୟ ପାଇଁ କୋଳଥଳ କୁଆଖିଆ ଚଣ୍ଡୀପୁର ଆରଡି ରୋଡରେ ୪/୫ଫୁଟ ପାଣି ୩୦ମିଟର ଅଞ୍ଚଳ ରେ ମାସମାସ ପର୍ଯ୍ୟନ୍ତ ଜମାଟ ହୋଇ ରହୁଛି ,ଯାହାକୁ ନେଇ ସମ୍ପୂର୍ଣ୍ଣ ଅଂଚଳ ରେ ପୁଣି ଥରେ ଜନ ଅସନ୍ତୋଷ ସୃଷ୍ଟି ହେଉଛି ।

କୁଆଖିଆ ବରିଷ୍ଠ ନାଗରିକମଞ୍ଚ ସଭ୍ୟ ଶ୍ରୀଯୁକ୍ତ ବିରଳଚନ୍ଦ୍ର ଦାଶଙ୍କ କହିବା ଅନୁସାରେ ବାସ୍ତବରେ ଏଠାକାର ସମସ୍ୟା ଦିନକୁ ଦିନ ଅତ୍ୟନ୍ତ ଜଟିଳ ହୋଇ ପଡୁଛି, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଏଇ ରୋଡର ସିଧାସଂଯୋଗ ରହିଛି ଏବଂ ଏହି ରୋଡ ମଧ୍ୟ ଦେଇ ଆଖପାଖ ତିନରୁ ଚାରିଟି ପଂଚାୟତବାସି ନିତିଦିନ ଯାତାୟାତ କରିଥାନ୍ତି ଏବଂ ସମସ୍ତେ ସମାନ ପରିସ୍ଥିତିର ଶିକାର ହେଉଛନ୍ତି। ତେଣୁ ତୁରନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷ, ପ୍ରଶାସନ ଏବଂ ଜନପ୍ରତିନିଧି ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି।

ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ
ନମ୍ରତାରୁ ମାନ ମିଳିଥାଏ
ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ
ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ
ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।

# ଜୀବନଠାରୁ ବଡ ନୁହେଁ ଡିଜେର ଶବ୍ଦ

ଉତ୍ସବ ହେଉ, ଆନନ୍ଦ ହେଉ, ବିଜୟ ଉତ୍ସବ ହେଉ କି ବିବାହ ଶୋଭାଯାତ୍ରା -ମଣିଷ ଖୁସି ପାଳନ କରିବ, ଏହା ସ୍ୱାଭାବିକ, କିନ୍ତୁ କାହାର ଖୁସି ଯଦି ଅନ୍ୟ ଜଣଙ୍କ ଜୀବନରେ ଯନ୍ତ୍ରଣା, ରୋଗ, ନିଦ୍ରାହୀନତା, ଭୟ କିମ୍ବା ମୃତ୍ୟୁର କାରଣ ହୁଏ, ତେବେ ସେହି ଖୁସିକୁ ଉତ୍ସବ କୁହାଯାଇପାରିବ କି ? ଆଜି ଓଡ଼ିଶାର ଅନେକ ସ୍ଥାନରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ଏକ ଏପରି ସାମାଜିକ ସମସ୍ୟାର ରୂପ ନେଉଛି, ଯାହାକୁ କେବଳ ମନୋରଞ୍ଜନର ପ୍ରଶ୍ନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ମଣିଷର ଶାନ୍ତି, ସ୍ୱାସ୍ଥ୍ୟ, ନିରାପତା ଓ ଜୀବନର ଅଧିକାର ସହ ଜଡିତ ପ୍ରଶ୍ନ। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ମଣିଷକୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଛି। ଏହି ଜୀବନ କେବଳ ଶ୍ୱାସ ନେବାର ନାମ ନୁହେଁ, ମର୍ଯ୍ୟାଦା, ଶାନ୍ତି ଓ ସୁସ୍ଥ ପରିବେଶରେ ବଂଚିବା ମଧ୍ୟ ଏହାର ଅଂଶ। ତେଣୁ କାହାର ଉତ୍ସବର ଶବ୍ଦ ଯଦି ଅନ୍ୟ ଜଣଙ୍କ ଘରର ଶିଶୁର ନିଦ୍ରା ଛଡାଇଦିଏ, ବୃଦ୍ଧଙ୍କ ରାତିକୁ ଯନ୍ତ୍ରଣାମୟ କରେ, ଅସୁସ୍ଥ ବ୍ୟକ୍ତିଙ୍କ କଷ୍ଟ ବଢାଏ ଛାତ୍ରଛାତ୍ରୀଙ୍କ ପଢାଶୁଣା ନଷ୍ଟ କିମ୍ବା ରାସ୍ତାରେ ଯାତାୟତକୁ ବିପଦପୂର୍ଣ୍ଣ କରେ, ତେବେ ସେହି ଶବ୍ଦ ବିରୋଧରେ ପ୍ରଶ୍ନ ଉଠିବା ଦରକାର। ଆଜି ସବୁଠାରୁ ବଡ ପ୍ରଶ୍ନ ହେଉଛି - ଆମେ କାହିଁକି ଆନନ୍ଦ ପାଇଁ ଅନ୍ୟର ଅଧିକାରକକୁ ଦଳିଦେବା ? ଧର୍ମୀୟ କାର୍ଯ୍ୟକ୍ରମ ହେଉ, ବିବାହ ହେଉ, ପୂଜା ହେଉ, ବିଜୟ ଉତ୍ସବ ହେଉ କି ଅନ୍ୟ କୌଣସି ସାମାଜିକ ଆୟୋଜନ- କୌଣସି ଉତ୍ସବ ମଣିଷର ଜୀବନଠାରୁ ବଡ ହୋଇପାରେ ନାହିଁ। ଡିଜେର ଅତ୍ୟଧିକ ଶବ୍ଦକୁ ନେଇ ଅଭିଯୋଗ ନୂଆ ନୁହେଁ।

କିନ୍ତୁ ସମସ୍ୟା ତେବେ ଗୁରୁତର ହୁଏ, ଯେତେବେଳେ ଅଭିଯୋଗ ପରେ ମଧ୍ୟ ଶବ୍ଦ କମେ ନାହିଁ, ନିୟମ ଭାଙ୍ଗିବା ବନ୍ଦ ହୁଏ ଏବଂ ଦାୟିତ୍ୱଶୀଳ ସଂସ୍ଥାମାନଙ୍କ ଉପସ୍ଥିତି ଥିଲେ ମଧ୍ୟ ନିୟମର ପ୍ରଭାବୀ ପ୍ରୟୋଗ ଦେଖାଯାଏ ନାହିଁ। ଆଇନ ଯଦି କାଗଜରେ ରହିଯାଏ ଏବଂ ରାସ୍ତାରେ ତାହାର ପ୍ରଭାବ ଦେଖାଯାଏ ନାହିଁ, ତେବେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ କିପରି ରହିବ? ଏଠାରେ କେବଳ ଡିଜେ ଚାଳକଙ୍କ ଦାୟିତ୍ୱ ନୁହେଁ, ଆୟୋଜକ, ଶୋଭାଯାତ୍ରାର ଦାୟିତ୍ୱରେ ଥିବା ବ୍ୟକ୍ତି, ସ୍ଥାନୀୟ ପ୍ରଶାସନ, ପୁଲିସ ଏବଂ ସମାଜ-ସମସ୍ତଙ୍କର ଦାୟିତ୍ୱ ରହିଛି। ଶବ୍ଦର ସୀମା ଅଛି, ସମୟର ସୀମା ଅଛି, ସ୍ଥାନର ସୀମା ଅଛି। ଏହି ସୀମାକୁ ଅଣଦେଖା କରି ରାତି ଗଭୀର ପର୍ଯ୍ୟନ୍ତ ଉଚ୍ଚଶବ୍ଦରେ ବାଦ୍ୟ ବଜାଇବାକୁ ଯଦି ସାଧାରଣ ଘଟଣା ବୋଲି ମାନିନିଆଯାଏ ତେବେ ଆମେ ଧୀରେ ଧୀରେ ଏପରି ସମାଜ ଗଢୁଛୁ, ଯେଉଁଠାରେ ଅନ୍ୟର ଅସୁବିଧା ପ୍ରତି ଆମର ସମ୍ବେଦନା ଶେଷ ହୋଇଯାଉଛି। ଏହାଠାରୁ ବଡ ବିପଦ ଆଉ କ'ଣ ହୋଇପାରେ? ଜଣେ ମାଆ ନିଜ ଅସୁସ୍ଥ ଶିଶୁକୁ ନେଇ ରାତିରେ ଶାନ୍ତି ଖୋଜୁଥିବା ବେଳେ ବାହାରେ ଅବିରତ ଗର୍ଜନ କରୁଥିବା ଶବ୍ଦ ଶୁଣିବାକୁ ବାଧ ହେଲେ, ତାଙ୍କ କଷ୍ଟକୁ ଆମେ କେଉଁ ଉତ୍ସବର ନାମ ଦେବୁ ? ଜଣେ ବୃଦ୍ଧ ରାତିରେ ନିଦ୍ରା ପାଇପାରୁନଥିଲେ, ଜଣେ ଛାତ୍ର ପରୀକ୍ଷା ପାଇଁ ପଢିପାରୁନଥିଲେ,ଜଣେ ରୋଗୀ ଚିକିତ୍ସା ପରେ ବିଶ୍ରାମ ପାଇପାରୁନଥିଲେ-ଏମାନଙ୍କ ଅଧିକାର କ'ଣ କମ୍ ନୁହେଁ। ଆନନ୍ଦର ଅଧିକାର ଯେପରି ଅଛି, ଶାନ୍ତିରେ ବଂଚିବାର ଅଧିକାର ମଧ୍ୟ ସେପରି ଅଛି। ତେଣୁ ଉତ୍ସବ ଓ ଅଧିକାର ମଧ୍ୟରେ ସନ୍ତୁଳନ ରଖିବା ସଭ୍ୟ ସମାଜର ପରିଚୟ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, ଅନେକ ସମୟରେ ଅତ୍ୟଧିକ ଶବ୍ଦ ସହ ଯାନବାହନର ଅନିୟନ୍ତ୍ରିତ ଚଳାଚଳ, ରାସ୍ତା ଅବରୋଧ ଓ ଅସୁରକ୍ଷିତ ଭିଡ ଯୋଡିଯାଏ। ତାହାର ପରିଣାମ ଦୁର୍ଘଟଣାର ଆଶଙ୍କା ବଢାଏ। ଏକ ମୁହୂର୍ତ୍ତର ଅସାବଧାନତା ଜଣେ ପରିବାରର ସମଗ୍ର ଜୀବନକୁ ଅନ୍ଧକାର କରିପାରେ।

ଆମେ ଘଟଣା ଘଟିବା ପରେ ଶୋକ ପ୍ରକାଶ କରୁ, ପରିବାରକୁ ସାନ୍ତ୍ୱନା ଦେଉ, କିଛିଦିନ ଚର୍ଚ୍ଚା କରୁ ଏବଂ ପରେ ସବୁ ଭୁଲିଯାଉ। ଏହି ଚକ୍ର କେବେ ଭାଙ୍ଗିବ? ଜୀବନ ହରାଇବାପରେ କାର୍ଯ୍ୟାନୁଷ୍ଠାନ ନେବାଠାରୁ ଜୀବନ ହରାଇବା ପୂର୍ବରୁ ନିୟମ ପାଳନ କରାଇବା ଅଧିକ ଜରୁରୀ। ପ୍ରଶାସନକୁ ମଧ୍ୟ ଏଠାରେ କଠୋର ହେବାକୁ ପଡିବ। ଅନୁମତି ଯେଉଁଠାରେ ଆବଶ୍ୟକ, ସେଠାରେ ଅନୁମତି ବିନା ଉଚ୍ଚଶବ୍ଦରେ ବାଦ୍ୟ ବଜାଇବା ବନ୍ଦ ଦରକାର। ନିୟମ ଭାଙ୍ଗିଲେ ଆଇନ ଅନୁଯାୟୀ ଦଣ୍ଡ ହେବା ଦରକାର। ଏହି କଠୋରତା କୌଣସି ଉତ୍ସବ ବିରୋଧୀ ମନୋଭାବ ନୁହେଁ, ବରଂ ଜୀବନ ସୁରକ୍ଷା ପାଇଁ ଆବଶ୍ୟକ ଶୃଙ୍ଖଳା। ସମାଜକୁ ମଧ୍ୟ ବୁଝିବାକୁ ହେବ ଯେ ଶବ୍ଦ ଯେତେ ଅଧିକ, ଉତ୍ସବ ସେତେ ବଡ-ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ଉତ୍ସବର ମାନ ଶବ୍ଦରେ ନୁହେଁ, ଆନନ୍ଦରେ, ଆନନ୍ଦର ମାନ ଅନ୍ୟକୁ କଷ୍ଟ ଦେବାରେ ନୁହେଁ, ସମସ୍ତଙ୍କୁ ସାମିଲ କରିବାରେ ଯେଉଁ ଉତ୍ସବାରୁ ଜଣେ ରୋଗୀ କାନ୍ଦନ୍ତି, ଜଣେ ଶିଶୁ ଭୟଭୀତ ହୁଏ, ଜଣେ ବୃଦ୍ଧ ରାତିସାରା ଜାଗନ୍ତି କିମ୍ବା କାହାର ଜୀବନ ବିପଦରେ ପଡେ, ସେଠାରେ ଆମକୁ ନିଜକୁ ପଚାରିବାକୁ ହେବ - ଏହା କି ସତରେ ଉତ୍ସବ? ଆଜି ଆବଶ୍ୟକ ଏକ ସ୍ପଷ୍ଟ ସାମାଜିକ ସନ୍ଦେଶ-ଜୀବନ ପ୍ରଥମ, ଉତ୍ସବ ପରେ। ମଣିଷ ପ୍ରଥମ, ଶବ୍ଦ ପରେ। ଅଧିକାର ପ୍ରଥମ, ଅସାବଧାନ ମନୋରଞ୍ଜନ ପରେ। ଏହି ସରଳ ସତ୍ୟକୁ ଯଦି ଆମେ ଗ୍ରହଣ କରିପାରୁନାହୁଁ, ତେବେ ଆମର ବିକାଶ, ଆମର ଶିକ୍ଷା ଓ ଆମର ସଭ୍ୟତା ଉପରେ ପ୍ରଶ୍ନ ଉଠିବ। ଡିଜେ ଯନ୍ତ୍ର ନିଜେ ଅପରାଧୀ ନୁହେଁ, ତାହାର ଅନିୟନ୍ତ୍ରିତ ଓ ନିୟମବିରୋଧୀ ବ୍ୟବହାର ହିଁ ସମସ୍ୟା। ତେଣୁ ନିଷେଧର ନାମରେ ସମସ୍ତ ଆନନ୍ଦକୁ ବନ୍ଦ କରିବା ନୁହେଁ, ନିୟମର ସୀମାରେ ଆନନ୍ଦକୁ ରଖିବା ହିଁ ସାବଧାନ। ଅଭିଭାବକମାନେ ନିଜ ସନ୍ତାନକୁ ବୁଝାନ୍ତୁ, ଆୟୋଜକମାନେ ନିଜ ଦାୟିତ୍ୱ ବୁଝନ୍ତୁ ଯୁବମାନେ ଉତ୍ସାହ ସହିତ ଦାୟିତ୍ୱ ଦେଖାନ୍ତ ଏବଂ ପ୍ରଶାସନ ନିୟମକୁ ନିର୍ବିକାର ଭାବରେ ପ୍ରୟୋଗ କରୁ। କୌଣସି ଦଳ, ସଂଗଠନ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଆୟୋଜକ ପାଇଁ ନିୟମ ଅଲଗା ହେବା ଉଚିତ ନୁହେଁ।

ଆଇନ ସମସ୍ତଙ୍କ ପାଇଁ ସମାନ-ଏହି ବିଶ୍ୱାସ ହିଁ ଶୃଙ୍ଖଳିତ ସମାଜର ମୂଳ ଆଧାର। ଶବ୍ଦ ପ୍ରଦୂଷଣକୁ ନେଇ ଅଭିଯୋଗ କରୁଥିବା ଲୋକଙ୍କୁ ମଧ୍ୟ ଅନାବଶ୍ୟକ ଭାବେ ଉତ୍ସବବିରୋଧୀ ବୋଲି ଚିହ୍ନିତ କରିବା ଠିକ୍ ନୁହେଁ। ସେମାନେ ନିଜ ଘର, ନିଜ ଶରୀର, ନିଜ ଶିଶୁ ଓ ନିଜ ଶାନ୍ତି ପାଇଁ କହୁଛନ୍ତି। ତାଙ୍କ ଅଭିଯୋଗ ଶୁଣିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଯେଉଁଠାରେ ନିୟମ ଉଲ୍ଲଂଘନ ହେଉଛି, ସେଠାରେ ତ୍ୱରିତ ଯାଂଚ, ଆବଶ୍ୟକ ମାପ, ଦାୟୀ ବ୍ୟକ୍ତିଙ୍କ ଚିହ୍ନଟ ଓ ଆଇନସମ୍ମତ ପଦକ୍ଷେପ ହେବା ଦରକାର। ଏହା ସହିତ ସ୍ଥାନୀୟ ସ୍ତରରେ ସଚେତନତା ଅଭିଯାନ ମଧ୍ୟ ଚାଲିବା ଦରକାର। କାରଣ କେବଳ ଦଣ୍ଡ ଦେଇ ସମାଜ ବଦଳେ ନାହିଁ, ଦାୟିତ୍ୱବୋଧ ଜାଗ୍ରତ କରିବା ମଧ୍ୟ ଆବଶ୍ୟକ। ଆମେ ଭୁଲିଯିବା ଉଚିତ ନୁହେଁ-ଏକ ଜୀବନ ଫେରାଇ ଆଣିହେବ ନାହିଁ। ଏକ ପରିବାରର ହସ ଥରେ ନିଭିଗଲେ କୌଣସି ଉତ୍ସବର ଶବ୍ଦ ତାହାକୁ ଫେରାଇପାରିବ ନାହିଁ। ତେଣୁ ଆଜି ଆମକୁ ନିଜ ମନରେ ଏକ ପ୍ରତିଜ୍ଞା କରିବାକୁ ହେବ- ଆମର ଆନନ୍ଦ କାହାର ଅଶ୍ରୁର କାରଣ ହେବ ନାହିଁ, ଆମର ଉତ୍ସବ କାହାର ଜୀବନକୁ ବିପଦରେ ପକାଇବ ନାହିଁ, ଆମର ଶବ୍ଦ କାହାର ଅଧିକାରକୁ ଦଳିଦେବ ନାହିଁ। ଓଡ଼ିଶାର ମାଟି ଉତ୍ସବର ମାଟି, କିନ୍ତୁ ଏହା ମାନବିକତାର ମାଟି ମଧ୍ୟ। ଏଠାରେ ଆନନ୍ଦ ରହୁ, ଢୋଲ ବାଜୁ, ସଙ୍ଗୀତ ହେଉ, ଉତ୍ସବ ହେଉ, କିନ୍ତୁ ସେହି ଆନନ୍ଦର ସୀମା ଯେଉଁଠାରେ ଅନ୍ୟର ଜୀବନ ଓ ଶାନ୍ତି ଆରମ୍ଭ ହୁଏ, ସେଠାରେ ଆମକୁ ଥମିବାକୁ ହେବ। କାରଣ ଜୀବନ ଥିଲେ ହିଁ ଉତ୍ସବ ଅଛି, ମଣିଷ ଥିଲେ ହିଁ ଆନନ୍ଦ ଅଛି, ପରିବାର ହସିଲେ ହିଁ ପର୍ବର ଅର୍ଥ ଅଛି। ତେଣୁ ଡିଜେର ଶବ୍ଦ ଯେତେ ଉଚ୍ଚ ହେଉନା କାହିଁକି, ତାହାଠାରୁ ଉଚ୍ଚ ହେବା ଦରକାର ମଣିଷର ଜୀବନ ପ୍ରତି ସମ୍ମାନ। ଆଜି ନିୟମ ମାନିବା, ଆସନ୍ତାକାଲୀ ଜୀବନ ବଂଚାଇବା। ଏହି ସନ୍ଦେଶ ଘରେ ଘରେ ପହଂଚୁ-ଜୀବନ ମୌଳିକ ଅଧିକାର, ଜୀବନଠାରୁ ବଡ କୌଣସି ଉତ୍ସବ ନୁହେଁ।

# ଭୋଟ ହାମାରା, ରାଜ ତୁମ୍ହାରା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ)

'ଭୋଟ ଆମର ଶାସନ ତୁମର, ଚଳିବ ନାହିଁ ! ଚଳିବ ନାହିଁ !' ଏହା ଭାରତୀୟ ରାଜନୀତିରେ କ୍ରମେ ଅଧିକରୁ ଅଧିକ ବ୍ୟବହୃତ ହେଉଥିବା ସ୍ଲୋଗାନ। ଏହି ସ୍ଲୋଗାନର ଜନକ ପ୍ରବୀଣ ରାଜନୈତିକ ଦିଗଦର୍ଶକ ମାନ୍ୟବର କାଂଶୀରାମ। ଏହି ସ୍ଲୋଗାନ ମାଧ୍ୟମରେ ସେ ଉତ୍ତରଭାରତରେ ନିଜ ରାଜନୀତିର ସଫଳ ପ୍ରୟୋଗ କରିଥିଲେ ଓ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବାକୁ ସକ୍ଷମ ହୋଇଥିଲେ। ତେବେ ଏହି ସ୍ଲୋଗାନକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ପ୍ରତିକ୍ରିୟା ରହିଛି। ବିପକ୍ଷବାଦୀଙ୍କ ମତରେ ଏହା ଏକ ଜାତିବାଦୀ ସ୍ଲୋଗାନ। ଜାତିକୁ ନେଇ ରାଜନୀତି କରିବାର ଏହା ଏକ ପ୍ରୟାସ। ବିଶେଷକରି ଅନୁସୂଚୀତ ଜାତିମାନେ ଏହାରି ମାଧ୍ୟମରେ ସଂଗଠିତ ହୋଇ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିଥିଲେ। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ଦେଖିଲେ ଏହା ଏକ ଉପାଦେୟ ସ୍ଲୋଗାନ। ତେଣୁ ଏମାନେ ମଧ୍ୟ ଏ ସ୍ଲୋଗାନ ଦେଲେ ଏବଂ ଉତ୍ତରପ୍ରଦେଶ ଓ ବିହାର ପରି ରାଜ୍ୟରେ କ୍ଷମତାକୁ ଆସିଲେ। ଝାଡ଼ଖଣ୍ଡରେ ଆଦିବାସୀମାନେ ସମାନ ଢଙ୍ଗରେ କ୍ଷମତାକୁ ଆସିଛନ୍ତି। ଏବେ ପ୍ରାୟ ସମସ୍ତ ରାଜ୍ୟରେ ଏ ସ୍ଲୋଗାନ ଶୁଣିବାକୁ ମିଳୁଛି। ଏହା ଜାତି ଅସ୍ଥିରତା ସୃଷ୍ଟିପାଇଁ ଉଦ୍ଦିଷ୍ଟ ବୋଲି ବିପକ୍ଷବାଦୀଙ୍କ ମତ।

ଅନ୍ୟ ପକ୍ଷରେ ଏହି ସ୍ଲୋଗାନର ସପକ୍ଷବାଦୀ କହନ୍ତି ଏହା ଏକ ପ୍ରଗତିଶୀଳ ସ୍ଲୋଗାନ, ଗଣତନ୍ତ୍ରକୁ ସୁଦୃଢ଼ କରିବାର ସ୍ଲୋଗାନ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମାଜିକ ସନ୍ତୁଳନ ଅପରିହାର୍ଯ୍ୟ। ଭାରତବର୍ଷ ପରି ବହୁଧର୍ମ, ବହୁଜାତି ଓ ବହୁ ସମ୍ପ୍ରଦାୟ ସମ୍ବଳିତ ଦେଶରେ ଏହାର ଆବଶ୍ୟକତା ଆହୁରି ବେଶି। ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂଖ୍ୟାଧିକ ଲୋକ କ୍ଷମତା ବଳୟର ବାହାରେ ରହନ୍ତି, ତାହା ଠିକ୍ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ସମସ୍ତେ ସମାନଭାବେ ଶାସନ ବ୍ୟବସ୍ଥାର ଭାଗୀଦାରୀ ହେବା ହିଁ ଗଣତନ୍ତ୍ର। ଅଳ୍ପ ସଂଖ୍ୟକ ଲୋକ ଜାତି ନାମରେ, ଧର୍ମ ନାମରେ, ସମ୍ପ୍ରଦାୟ ନାମରେ ଅଥବା ଅଞ୍ଚଳ ନାମରେ ସଂଖ୍ୟାଧିକଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ଗଣତନ୍ତ୍ର ନୁହେଁ। ସମାନ ଭାଗିଦାରୀତା ହିଁ ପ୍ରକୃତ ଗଣତାନ୍ତ୍ର। ଯେତେବେଳେ ଗୋଟିଏ ଦୁଇଟି ଜାତି କଳେବଳେ କୌଶଳେ ସଂଖ୍ୟାଧିକ ସୁବିଧା ସୁଯୋଗ ମାରିନିଅନ୍ତି, ଶାସନ ଓ ପ୍ରଶାସନିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିନିଅନ୍ତୁ, ସେତେବେଳେ ଏହି ସ୍ଲୋଗାନ ଅମୋଘ ଅସ୍ତ୍ରର କାମ ଦିଏ। ଏହା ନିଜ ଅଧିକାର ସମ୍ବନ୍ଧରେ ସଚେତନ କରାଏ।

ଭରତବର୍ଷରେ କେବଳ ଜାତିବ୍ୟବସ୍ଥା ରହିଛି ତାହା ନୁହେଁ, ଏହାକୁ ନେଇ କ୍ଷମତାର ଅସନ୍ତୁଳନ ମଧ୍ୟ ରହିଛି। ସମଗ୍ର ଦେଶରେ ଦିନେ ତଥାକଥିତ ଉଚ୍ଚଜାତିମାନେ ବା ଅଗ୍ରସରବର୍ଗ ତାଙ୍କର ଆଧିପତ୍ୟ ଜାହିର କରି ଆସିଥିଲେ। ରାଜନୈତିକ କ୍ଷମତା, ପ୍ରାଶାସନିକ କ୍ଷମତା ଓ ନ୍ୟାୟିକ କ୍ଷମତା ପୂର୍ଣ୍ଣମାତ୍ରାରେ ଏମାନଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥିଲା ଏବଂ ଏବେ ମଧ୍ୟ ଅନେକ ମାତ୍ରାରେ ରହିଛି। ଦେଶରେ ଅନଗ୍ରସର ଜାତି ସମୂହ ଏହି କ୍ଷମତା ବଳୟ ବାହାରେ ଥିଲା ଏବଂ ଏବେ ମଧ୍ୟ ରହିଛି। ଦେଶରେ କ୍ଷମତାର ସୁସମ ବଣ୍ଟନ ହୋଇନାହିଁ। ଆମ ସମ୍ବିଧାନ ସମସ୍ତ ବର୍ଗର ଲୋକଙ୍କ ପାଇଁ ଆନୁପାତିକ ପ୍ରତିନିଧିତ୍ୱ କଥା କହେ। ଏଇଥି ପାଇଁ ତ ଅନୁସୂଚୀତ ବର୍ଗଙ୍କ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏବେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଜରିଆରେ ଓବିସି ମାନେ ସମାନୁପାତିକ ନହେଲେ ବି କେତେକ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଇବା ଆରମ୍ଭ କରିଛନ୍ତି। ସୁସ୍ଥ ଗଣତନ୍ତ୍ରରେ ସାମାଜିକ ସନ୍ତୁଳନ ଅତ୍ୟନ୍ତ ଜରୁରୀ।

ଯେଉଁ ସମୟରେ ଏ ସ୍ଲୋଗାନ ରାଜନୀତିରେ ଦାନା ବାନ୍ଧିଥିଲା ବିଶେଷକରି ଉତ୍ତରପ୍ରଦେଶରେ ସେ ସମୟରେ ରାଜନୈତିକ କ୍ଷମତା ଗୋଟିଏ ଦୁଇଟି ଜାତି ହାତରେ ସୀମିତ ଥିଲା। ପ୍ରକୃତ ପକ୍ଷେ ଏମାନେ ଥିଲେ ଶାସକ ଯଦିଓ ଏମାନଙ୍କ ସଂଖ୍ୟା ଅତ୍ୟନ୍ତ ନ୍ୟୁନ। ଅନ୍ୟପକ୍ଷରେ ପାଖାପାଖି ଶତକଡା ୯୦ ଭାଗ ଲୋକ ଶାସନ କ୍ଷମତାରୁ ବହୁଦୂରରେ ଥିଲେ। ତାଙ୍କ ଗଣତାନ୍ତ୍ରିକ ଅଧିକାର କେବଳ ଭୋଟ ଦେବାରେ ସୀମିତ ଥିଲା। ଯେଉଁମାନେ ସଂରକ୍ଷିତ ବର୍ଗରୁ ସଂରକ୍ଷିତ ଆସନରୁ ପ୍ରତିନିଧିତ୍ୱ କରୁଥିଲେ ସେମାନଙ୍କ କ୍ଷମତା କେବଳ ହାତ ଟେକିବାରେ ସୀମିତ ଥିଲା। ଏମାନେ ସେହି ଗୋଟିଏ ଦୁଇଟି ଜାତିରୁ ଆସୁଥିବା ନେତାଙ୍କ ସ୍ତାବକ ଥିଲେ। ଏବେ ମଧ୍ୟ ତାହାହିଁ ଚାଲିଛି। ଗଣତନ୍ତ୍ରର ନିୟମ ଅନୁସାରେ ସଂଖ୍ୟାଧିକ ସମର୍ଥନ ବା ଭୋଟ ଯାହା ସପକ୍ଷରେ ପଡେ ସେ ଶାସକ ହୁଏ। ଅର୍ଥାତ୍ ଯେଉଁମାନଙ୍କ ନିକଟରେ ଭୋଟ ଅଧିକ ଅଛି ସେମାନେ ଶାସକ ହେବା କଥା। କିନ୍ତୁ ଆମ ଦେଶରେ ଓଲଟା ହେଉଥିଲା ଓ ହେଉଛି ମଧ୍ୟ । ଯେଉଁମାନଙ୍କ ନିକଟରେ ଭୋଟ ବେଶୀ ଅଛି ସେମାନେ ଶାସକ ନୁହଁନ୍ତି। ଯେଉଁମାନଙ୍କ ଭୋଟ କମ୍ ଅଛି ସେମାନେ ଶାସକ। ଅବଶ୍ୟ ଏମାନେ ସଂଖ୍ୟାଧିକ ଭୋଟ ପାଇ ଜିତି ଥାଆନ୍ତି। ଅନେକ୍ ସମୟରେ ଏ ଭୋଟ ସଚେତନ ଭୋଟ ନଥାଏ। ବିଭିନ୍ନ ପ୍ରକାର ପ୍ରଲୋଭନ, ଧାର୍ମିକ ଉନ୍ମାଦନା ଓ ସାମାଜିକଭାବେ ନିଜକୁ ନିମ୍ନ ଭାବିବା ଯୋଗୁଁ ଭୋଟ ଦେଇ ତାଙ୍କୁ ଜିତାଇଥାନ୍ତି। ଏହା ପଛରେ ଥାଏ ଦୀର୍ଘ ସାମାଜିକ ତାଡନାର ମାନସିକ ପ୍ରଭାବ ଓ ଆତ୍ମ ବିଶ୍ୱାସର ଅଭାବ।

ଶିକ୍ଷାର ବିକାଶ ସହିତ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧିପାଏ। ତାହାହିଁ ଏବେ ହେଉଛି। ତେଣୁ ଅଧିକ ମାତ୍ରାରେ ଏହି ସ୍ଲୋଗାନ୍ ଶୁଣିବାକୁ ମିଳୁଛି। ଏହି ସ୍ଲୋଗାନକୁ କେବଳ ଜାତିବାଦୀ ସ୍ଲୋଗାନ କହିଦେଲେ ହେବନାହିଁ। ଏହା ଏକ ଗଣତାନ୍ତ୍ରିକ ସ୍ଲୋଗାନ, ସମାନତା ପ୍ରାପ୍ତିର ସ୍ଲୋଗାନ, ଗଣତନ୍ତ୍ରକୁ ଆଗକୁ ଆଗେଇ ନେବାର ସ୍ଲୋଗାନ, ସୁପ୍ତ ଜନତାଙ୍କୁ ଜଗାଇବାର ସ୍ଲୋଗାନ, ବ୍ୟବସ୍ଥା ପରିବର୍ତ୍ତନର ସ୍ଲୋଗାନ। ଏହା ଯେଉଁମାନଙ୍କର ସଂଖ୍ୟା ବେଶି ତାଙ୍କୁ ଶାସକ ବନାଇବାର ସ୍ଲୋଗାନ। ଜଣେ ନାଗରୀକ ଯେତେ ପର୍ଯ୍ୟନ୍ତ ନିଜ ଅଧିକାର ଓ ରାଷ୍ଟ୍ରୀୟ ଭାଗୀଦାରୀ ସମ୍ବନ୍ଧରେ ସଚେତନ ନହୋଇଛି, ସେତେଯାଏ ତାକୁ ଜଣେ ଉତ୍ତମ ନାଗରୀକଭାବେ ବିବେଚନା କରାଯାଇ ପାରିବ ନାହିଁ। କେବଳ ଭୋଟଦେବା ଭିତରେ ଉତ୍ତମ ନାଗରିକତ୍ୱ ସୀମିତ ନୁହେଁ। ରାଷ୍ଟ୍ରର ଶାସନ ବ୍ୟବସ୍ଥା ଉତ୍ତମ ବିଚାରଧାରା ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ତେବେ କେବଳ ଗୋଟିଏ ଦୁଇଟି ଜାତି ଉତ୍ତମ ବିଚାରଧାରାର ଅଧିକାରୀ ଅଟନ୍ତି ଏବଂ ଅନ୍ୟମାନେ ଅଯୋଗ୍ୟ ଓ ନିମ୍ନ ବିଚାରଧାରାର ବୋଲି ଭାବିବା ସମ୍ପୂର୍ଣ୍ଣରୂପେ ଅଗଣତାନ୍ତ୍ରିକ। ଏପରି ଭାବନା ହିଁ ପ୍ରକୃତରେ ଜତିବାଦୀ ଭାବନା ଅଟେ।

ଯେଉଁଦିନ ଏହି ସ୍ଲୋଗାନ ସଫଳଭାବେ କାର୍ଯ୍ୟକାରୀ ହେବ ସେହିଦିନ ଦେଶରେ କ୍ରାନ୍ତି ଆସିବ। ଦେଶ ସାମାଜିକ ସମାନତା ଆଡକୁ ବଢିବ ଓ ଜାତିବାଦର ଫଂଦା କ୍ରମେ ଦୁର୍ବଳ ହେବ। ଦେଶରେ ଉତ୍କୃଷ୍ଟ ଗଣତାନ୍ତ୍ରିକ ବ୍ୟବସ୍ଥାର ଆରମ୍ଭ ହେବ। ତେଣୁ ଏ ସ୍ଲୋଗାନର ସାକାରାତ୍ମକ ଦିଗ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ। ଜାତି ଥିବା ପର୍ଯ୍ୟନ୍ତ ଏମାନଙ୍କୁ ନେଇ ଗଠିତ ହୋଇଥିବା ସମସ୍ତ ସାମ୍ବିଧାନିକ ବର୍ଗ ମଧ୍ୟରେ କ୍ଷମତାର ସୁଷମ ବଣ୍ଟନ ହେଉ। ଏହା ଆମ ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ ଏବଂ ଗଣତନ୍ତ୍ରର ମୂଳମନ୍ତ୍ର ସମତା, ମମତା ଓ ସ୍ୱତନ୍ତ୍ରତାକୁ ଆହୁରି ଉଦଭାସିତ କରିବ।

**ବାରିପଦା, ମୟୂରଭଞ୍ଜ**
**ମୋ- ୭୦୦୮୯୭୬୧୮୦**

# ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ !



ଅସିତ ମହାନ୍ତି

'ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ' ଇରାନ ବିରୁଦ୍ଧରେ ସିଧାସଳଖ ସାମରିକ ଆକ୍ରମଣ କିମ୍ବା କ୍ଷେପଣାସ୍ତ୍ର ବ୍ୟବହାର କରିବା ପରିବର୍ତ୍ତେ ଆର୍ଥିକ କଟକଣାକୁ ଅସ୍ତ୍ର କରିବାର ଆମେରିକାର ନୀତିକୁ ପ୍ରତୀକ କରେ। ଏହି ପଦକ୍ଷେପ କେବଳ ଇରାନ ସରକାର କିମ୍ବା ଏହାର ସାମରିକ ବାହିନୀକୁ ଟାର୍ଗେଟ କରେ ନାହିଁ, ବରଂ ସାଧାରଣ ଲୋକଙ୍କ ଜୀବନକୁ ମଧ୍ୟ ପ୍ରଭାବିତ କରେ। ଡଲାରର ପ୍ରାଧାନ୍ୟ ଦ୍ୱାରା, ଆମେରିକା ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ଇରାନବାସୀଙ୍କୁ କାଟି ଦେବାକୁ ଚେଷ୍ଟା କରିଛି - କୌଣସି ଟଙ୍କା ଭିତରକୁ ପ୍ରବାହିତ ହୋଇପାରିବ ନାହିଁ କିମ୍ବା ବାହାରକୁ ଯାଇପାରିବ ନାହିଁ। ଏହି ଆର୍ଥିକ ଅବରୋଧ ମୂଳତଃ ଏକ ଅଦୃଶ୍ୟ ଯୁଦ୍ଧ, ଯେଉଁଠାରେ ବୋମା ଏବଂ ଗୁଳି ବଦଳରେ ବ୍ୟାଙ୍କିଂ ବ୍ୟବସ୍ଥା, କାରବାର ଏବଂ ମୁଦ୍ରା ବ୍ୟବହାର କରାଯାଏ।

ଆମେରିକ ଟ୍ରେଜେରୀ 'ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ' ଅଧୀନରେ ଏହି ପଦକ୍ଷେପ ନେଇଛି। ଯଦିଓ ଆମେରିକା ସିଧାସଳଖ ଅନ୍ୟ ଦେଶର ଆକାଶପଥ ବନ୍ଦ କରିପାରିବ ନାହିଁ, ଏହି ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ଏହା ଏକ ଅତ୍ୟନ୍ତ କଠୋର ଆର୍ଥିକ ଆଭିମୁଖ୍ୟ ବାଛିଛି। ଏହାର ମୁଖ୍ୟ ବିନ୍ଦୁଗୁଡ଼ିକ ନିମ୍ନଲିଖିତ: ସେବା ଉପରେ ସମ୍ପୂର୍ଣ୍ଣ ନିଷେଧ: ଆମେରିକା ଚେତାବନୀ ଦେଇଛି ଯେ ଯଦି କୌଣସି ଇରାନୀ ବିମାନ କୌଣସି ବିଦେଶୀ ବିମାନବନ୍ଦରରେ ଅବତରଣ କରେ, ତେବେ ତାକୁ ଇନ୍ଧନ, ଭୂମି ପରିଚାଳନା, ମରାମତି କିମ୍ବା ଟିକେଟ୍ ବିକ୍ରୟ ଭଳି କୌଣସି ସୁବିଧା ଯୋଗାଇ ଦିଆଯିବ ନାହିଁ। ଦ୍ୱିତୀୟ କଟକଣାର ଭୟ: ଆମେରିକା ସ୍ପଷ୍ଟ ଭାବରେ କହିଛି ଯେ ଏହି ଇରାନୀ ବିମାନଗୁଡ଼ିକୁ ସାହାଯ୍ୟ କରୁଥିବା ଯେକୌଣସି ବିଦେଶୀ କମ୍ପାନୀ କିମ୍ବା ଦେଶ ଆମେରିକୀୟ ଡଲାର ଏବଂ ଆମେରିକୀୟ ଆର୍ଥିକ ବ୍ୟବସ୍ଥାରୁ ସମ୍ପୂର୍ଣ୍ଣ ଭାବରେ ବାହାର ହୋଇଯିବ। ଆମେରିକୀୟ ବ୍ୟାଙ୍କିଂ ବ୍ୟବସ୍ଥାର କ୍ଷତି ହେବାର ଭୟରେ, ବିଶ୍ୱର ଅଧିକାଂଶ ଦେଶ ଏବଂ ବିମାନବନ୍ଦର ସ୍ୱେଚ୍ଛାକୃତ ଭାବରେ ଇରାନୀ ବିମାନ ଉଡ଼ାଣକୁ ଅନୁମତି ଦେବାରୁ ଓହରି ଯାଉଛନ୍ତି। ୨୭ଟି ଏୟାରଲାଇନ୍ସ ଉପରେ କାର୍ଯ୍ୟାନୁଷ୍ଠାନ: ପୂର୍ବରୁ ସେପ୍ଟେମ୍ବର ୮ ତାରିଖରେ, ଆମେରିକା ଇରାନୀ ଏୟାର, ମହାନ ଏୟାର, କେଶମ ଏୟାର ଏବଂ ଇରାନୀ ଆସେମାନ ସମେତ ସମସ୍ତ ୨୭ଟି ପ୍ରମୁଖ ଇରାନୀ ବିମାନ ସେବାକୁ ନିଷିଦ୍ଧ ତାଲିକାରେ ରଖିଥିଲା।

ଏହି ଘୋଷଣା ପରେ ତୁରନ୍ତ ଇରାନୀ ବିମାନ ଉଡ଼ାଣ ଉପରେ ଇରାନୀ ବିମାନ ଉଡ଼ାଣ ଉପରେ ନିଷିଦ୍ଧ ପ୍ରକ୍ରିୟା ଆରମ୍ଭ କରିଛି। ତଥାପି, ଇରାନର ବେସାମରିକ ବିମାନ ଚଳାଚଳ ସଂଗଠନ କହିଛି ଯେ ଏହା ପରିସ୍ଥିତି ଉପରେ ନଜର ରଖିଛି ଏବଂ ସରକାରୀ ସୂଚନା ନପାଇବା ପର୍ଯ୍ୟନ୍ତ ଏହାର ଉଡ଼ାଣ ଜାରି ରଖିବ, କିନ୍ତୁ ଏହି ନିଷେଧ ଆନ୍ତର୍ଜାତୀୟ ଉଡ଼ାଣକୁ ପ୍ରାୟ ଅସମ୍ଭବ କରିଦେବ।

ଆମେରିକୀୟ ସାମ୍ରାଜ୍ୟବାଦର ଉଦ୍ଦେଶ୍ୟ ଏଠାରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ। ଏହା ପ୍ରଦର୍ଶନ କରିବାକୁ ଚାହୁଁଛି ଯେ ଏହାର ମୁଦ୍ରା ଏବଂ ଏହାର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ବିଶ୍ୱର ମୂଳଦୁଆ। ଯଦି କୌଣସି ଦେଶ ଏହାର ନିର୍ଦ୍ଦେଶ ପାଳନ କରେ ନାହିଁ, ତେବେ ଏହାକୁ ଆର୍ଥିକ ଭାବରେ ବାସନ୍ଦ କରାଯିବ। ଏହା କେବଳ ଇରାନକୁ ଦମନ କରିବା ପାଇଁ ଏକ ପ୍ରୟାସ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ପଠାଇବା ପାଇଁ ମଧ୍ୟ ଯେ କୌଣସି ସ୍ୱାଧୀନ ଅର୍ଥନୈତିକ ବ୍ୟବସ୍ଥା ଆମେରିକାର ଅନୁମୋଦନ ବିନା ବଞ୍ଚିପାରିବ ନାହିଁ। ଡଲାରକୁ ଅସ୍ତ୍ର କରି, ଆମେରିକା ପ୍ରମାଣ କରିବାକୁ ଚାହୁଁଛି ଯେ ଏହାର ଶକ୍ତି କେବଳ ସାମରିକ ନୁହେଁ ବରଂ ଆର୍ଥିକ ମଧ୍ୟ, ଏବଂ ଏହି ଶକ୍ତି ବହୁତ ସ୍ଥାୟୀ ଏବଂ ବ୍ୟାପକ।

କିନ୍ତୁ ଏହି ପଦକ୍ଷେପର ଅନ୍ୟ ଦିଗଟି ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ରୁଷ ଏବଂ ଚୀନ୍ ଏହି ନୀତିକୁ ଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି, ଏହାକୁ ଅନ୍ତର୍ଜାତୀୟ ଆଇନ ଏବଂ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହିଛନ୍ତି। ରୁଷ ଏବଂ ଚୀନ୍ ଦ୍ୱାରା ଏହି ବିରୋଧ କେବଳ ଇରାନକୁ ସମର୍ଥନ କରିବା ପାଇଁ ନୁହେଁ, ବରଂ ଆମେରିକାର ଅର୍ଥନୈତିକ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବାର ଏକ ପ୍ରୟାସ। ସେମାନେ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ଯେ ବିଶ୍ୱ ଆଉ ଗୋଟିଏ ଅକ୍ଷରେ କାର୍ଯ୍ୟ କରେ ନାହିଁ, ଏବଂ ଡଲାରର କବଜା ଭାଙ୍ଗିବା ପାଇଁ ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରାଯିବ। ଏହି କାରଣରୁ ରୁଷ ଏବଂ ଚୀନ୍ ସେମାନଙ୍କର ଆର୍ଥିକ ନେଟୱାର୍କ ଏବଂ ବିକଳ୍ପ ବାଣିଜ୍ୟ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି।

ଏହି ସମଗ୍ର ପରିସ୍ଥିତିରେ, ଆମେରିକା ସାମ୍ରାଜ୍ୟବାଦର ପ୍ରକୃତ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଏ - ଏହା କେବଳ ଇରାନକୁ ଦମନ କରିବାକୁ ଚାହୁଁନାହିଁ, ବରଂ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ପଠାଇବାକୁ ଚାହୁଁଛି ଯେ ଏହାର ନୀତିଗୁଡ଼ିକୁ ବିରୋଧ କରୁଥିବା ଯେକୌଣସି ଦେଶକୁ ଆର୍ଥିକ ଭାବରେ ବାସନ୍ଦ କରାଯିବ। ଏହା ଭୟ ଏବଂ ନିୟନ୍ତ୍ରଣର ଏକ ଯନ୍ତ୍ରପାତି। କିନ୍ତୁ ଇତିହାସ ଆମକୁ କହିଛି ଯେ ଯେତେବେଳେ କୌଣସି ଶକ୍ତି ଅତ୍ୟଧିକ ଶକ୍ତି ସହିତ ନିଜର ପ୍ରଭୁତ୍ୱ ସ୍ଥାପିତ କରିବାକୁ ଚେଷ୍ଟା କରେ, ସେତେବେଳେ ତା' ବିରୁଦ୍ଧରେ ପ୍ରତିରୋଧ ସମାନ ଭାବରେ ଶକ୍ତିଶାଳୀ ହୋଇଥାଏ। ତେଣୁ, ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ ଆମେରିକାର ସାମ୍ରାଜ୍ୟବାଦୀ ମାନସିକତାର ପ୍ରତୀକ। ଏହି ପଦକ୍ଷେପ କ୍ଷଣିକ ସମୟରେ ଇରାନବାସୀଙ୍କ ପାଇଁ ଦୁଃଖର କାରଣ ହୋଇପାରେ, କିନ୍ତୁ ଦୀର୍ଘକାଳୀନ ସମୟରେ, ଏହା ଆମେରିକା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ରୁଷ ଏବଂ ଚୀନର ବିରୋଧ ସଙ୍କେତ ଦିଏ ଯେ ବିଶ୍ୱ ବହୁଧ୍ରୁବୀୟ ହେଉଛି ଏବଂ ଆର୍ଥିକ ପ୍ରଭୁତ୍ୱର ଏକଧ୍ରୁବୀୟ ବ୍ୟବସ୍ଥା ଭାଙ୍ଗି ପଡୁଛି।

ଯେତେବେଳେ ଆମେରିକା ଇରାନ ଉପରେ ଆର୍ଥିକ କଟକଣା ଲାଗୁ କରେ ଏବଂ ଏହାକୁ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରେ, ଏହାର ପ୍ରକୃତ ବାର୍ତ୍ତା ହେଉଛି ଇରାନକୁ ପ୍ରଦର୍ଶନ କରିବା ଯେ ଯଦିଓ ଏହା ସାମରିକ ଭାବରେ ହାରିଯାଇଛି, ତଥାପି ଏହା ସବୁଠାରୁ ଶକ୍ତିଶାଳୀ ଆର୍ଥିକ ପ୍ରଭାବ ବହନ କରେ। ଏହା ପ୍ରତିଶୋଧର ଏକ ପ୍ରକାର - ଯେଉଁଠାରେ ବୋମା ଏବଂ କ୍ଷେପଣାସ୍ତ୍ର ବଦଳରେ ଡଲାର ଏବଂ ବ୍ୟାଙ୍କିଂ ବ୍ୟବସ୍ଥାକୁ ଅସ୍ତ୍ର କରାଯାଇଛି। ଆମେରିକା ପ୍ରଦର୍ଶନ କରିବାକୁ ଚାହୁଁଛି ଯେ ଏହାର ମୁଦ୍ରା ହେଉଛି ବିଶ୍ୱର ମୂଳଦୁଆ, ଏବଂ ଯେଉଁ ଦେଶ ଏହାର ନିର୍ଦ୍ଦେଶ ପାଳନ କରେ ନାହିଁ, ସେ ଆର୍ଥିକ ଦୃଷ୍ଟିରୁ ଦୂରେଇ ଦିଆଯିବ।

ଇରାନ ଲୋକଙ୍କ ଉପରେ ଏପରି ଚାପ ପ୍ରୟୋଗ କରି, ଆମେରିକା ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ଯଦି ସେମାନେ ସେମାନଙ୍କ ନେତୃତ୍ୱ ସହିତ ଠିଆ ହୋଇ ରୁହନ୍ତି, ତେବେ ସେମାନେ କ୍ଷୁଧା, ବେକାରୀ ଏବଂ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ। ଏହା ଏକ ପ୍ରକାର ମନସ୍ତାତ୍ତ୍ୱିକ ଯୁଦ୍ଧ, ଯାହାର ଲକ୍ଷ୍ୟ ସେମାନଙ୍କ ନିଜ ନେତୃତ୍ୱ ପ୍ରତି ଅସନ୍ତୋଷ ସୃଷ୍ଟି କରିବା ଏବଂ ବ୍ୟବସ୍ଥାକୁ ଭିତରରୁ ଭୁଶୁଡ଼ି ପକାଇବା। ତଥାପି, ଇତିହାସ ଏହା ମଧ୍ୟ ଦର୍ଶାଏ ଯେ ଯେତେବେଳେ କୌଣସି ଦେଶର ଲୋକଙ୍କ ଉପରେ ବାହ୍ୟ ଚାପ ପ୍ରୟୋଗ କରାଯାଏ, ସେମାନେ ଅଧିକ ଏକ ହୋଇଯାଆନ୍ତି।

ରୁଷ ଏବଂ ଚୀନ୍ ଏହି ପଦକ୍ଷେପକୁ ଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଛନ୍ତି। ସେମାନଙ୍କର ବିରୋଧ କେବଳ ଇରାନକୁ ସମର୍ଥନ କରିବା ପାଇଁ ନୁହେଁ, ବରଂ ଆମେରିକାର ଅର୍ଥନୈତିକ ସାମ୍ରାଜ୍ୟବାଦୀ ମାନସିକତାକୁ ଚ୍ୟାଲେଞ୍ଜ କରିବାର ପ୍ରୟାସ ମଧ୍ୟ। ସେମାନେ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ଯେ ବିଶ୍ୱ ଆଉ ଗୋଟିଏ ଅକ୍ଷରେ କାର୍ଯ୍ୟ କରିବ ନାହିଁ ଏବଂ ଡଲାରର ଆଧିପତ୍ୟ ଭାଙ୍ଗିବା ପାଇଁ ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରାଯିବ। ଏହି କାରଣରୁ ରୁଷ ଏବଂ ଚୀନ୍ ସେମାନଙ୍କର ଆର୍ଥିକ ନେଟୱାର୍କ ଏବଂ ବିକଳ୍ପ ବାଣିଜ୍ୟ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ, ଏହା ପ୍ରଶ୍ନ ହେବା ସ୍ୱାଭାବିକ ଯେ ବିଶ୍ୱ ଏକତ୍ରିତ ହୋଇ ଏପରି ପଦକ୍ଷେପକୁ ବିରୋଧ କରିବା ଉଚିତ୍ ନୁହେଁ କି ? ଆଜି ଏହା ଇରାନ, କାଲି ଏହା ଅନ୍ୟ ଏକ ଦେଶ ହୋଇପାରେ। ଯଦି କୌଣସି ଦେଶକୁ ଆର୍ଥିକ ଭାବରେ ଦୂରେଇ ଦେବାର ନୀତି ସଫଳ ହୁଏ, ତେବେ ଏହା ଏକ ଉଦାହରଣ ସୃଷ୍ଟି କରିବ ଏବଂ ଭବିଷ୍ୟତରେ ଯେକୌଣସି ସ୍ୱାଧୀନ ରାଷ୍ଟ୍ରକୁ ଦମନ କରିବା ପାଇଁ ବ୍ୟବହାର କରାଯାଇପାରିବ। ଏହି କାରଣରୁ ବିଶ୍ୱ ଏକତା ଆବଶ୍ୟକ - ଆର୍ଥିକ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ଏକ ଦେଶର ସାର୍ବଭୌମତ୍ୱକୁ ଚୂର୍ଣ୍ଣ କରିବାର ପ୍ରୟାସକୁ ରୋକିବା ପାଇଁ।

ଆମେରିକାର ଏହି ପଦକ୍ଷେପ ଏହାର ସାମ୍ରାଜ୍ୟବାଦୀ ମାନସିକତାର ପ୍ରତୀକ। ଏହା ପ୍ରଦର୍ଶନ କରିବାକୁ ଚାହୁଁଛି ଯେ ଏହାର ଶକ୍ତି କେବଳ ସାମରିକ ନୁହେଁ ବରଂ ଆର୍ଥିକ ମଧ୍ୟ। କିନ୍ତୁ ଏହି ଶକ୍ତିର ଅତ୍ୟଧିକ ବ୍ୟବହାର ଶେଷରେ ନିଜ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ। ବିଶ୍ୱ ବହୁଧ୍ରୁବୀୟ ହେବା ଏବଂ ନୂତନ ମେଣ୍ଟ ଗଠନ ହେବା ସହିତ, ଆମେରିକାର ଏହି ଚାପ ଏହାକୁ ଧୀରେ ଧୀରେ ଅଲଗା କରିପାରେ।

ତେଣୁ ଏହା କୁହାଯାଇପାରେ ଯେ ଆମେରିକାର ବାର୍ତ୍ତା କେବଳ ଇରାନ ପାଇଁ ଏକ ଚେତାବନୀ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ସଙ୍କେତ। ଏହା ସଙ୍କେତ ଦିଏ ଯେ ଯଦି କୌଣସି ରାଷ୍ଟ୍ର ଏକ ସ୍ୱାଧୀନ ପଥ ବାଛିଥାଏ, ତେବେ ଏହାକୁ ଆର୍ଥିକ ଭାବରେ ବାସନ୍ଦ କରାଯାଇପାରିବ। ଏବଂ ଏହିଠାରେ ବିଶ୍ୱ ଏକତା ସବୁଠାରୁ ଅଧିକ ଆବଶ୍ୟକ - କାରଣ ଆଜି ଏହା ଇରାନ, କାଲି ଏହା ଅନ୍ୟ ଏକ ଦେଶ ହୋଇପାରେ।

**ସୁଜନପୁର, ଯାଜପୁର**
**ମୋ- ୯୪୩୭୨୮୮୦୨୮**

# ପିତୃପକ୍ଷ

ସନ୍ତୋଷ କୁମାର ଦାଶ

ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ କାଳ ବା ପକ୍ଷକୁ ପିତୃପକ୍ଷ କୁହାଯାଏ । ଏହି ସମୟ ପିତୃ ଉପାସନାର ପ୍ରକୃଷ୍ଟ ସମୟ ବୋଲି ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଛି ।

ଏହି ସମୟରେ ହେମନ୍ତ ଋତୁ ଧରାପୃଷ୍ଠରେ ପ୍ରବେଶ କରେ ଓ ଭଗ ନାମକ ହିରଣ୍ୟ ରେତସ ସୂର୍ଯ୍ୟ କନ୍ୟା ରାଶିକୁ ସ୍ପର୍ଶ କରନ୍ତି ଅର୍ଥାତ ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦ ତିଥି ଆରମ୍ଭ ହୁଏ । କୁହାଯାଏ ଯେ, ଏହି ସମୟ ରେ ପିତୃଲୋକର ସବୁ ଅତୃପ୍ତ ଆତ୍ମା ପ୍ରେତତ୍ୱରୁ ମୁକ୍ତି ପାଇଥାନ୍ତି । କନ୍ୟା ରାଶିକୁ ଭଗ ନାମକ ସୂର୍ଯ୍ୟ ଗମନ କଲେ ପିତୃ ରାଜ୍ୟରେ ଶୁଭ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଅବିମୁକ୍ତ ଥିବା ପ୍ରେତମାନେ ଏହି ସୂର୍ଯ୍ୟ ଙ୍କର କିରଣ କୁ ସହ୍ୟ କରିପାରନ୍ତି ନାହିଁ । ତେଣୁ ପିତୃ ଲୋକ ମାନେ କନ୍ୟା ସଂଯୁକ୍ତ ହୋଇ ତିଳୋଦକ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ଯଦି ପୁତ୍ର ବା ବଂଶଜ ମାନେ ତିଳ ତର୍ପଣ ନ କରନ୍ତି ତେବେ ପିତୃପୁରୁଷ ମାନେ ଉତକ୍ଷିପ୍ତ ହୋଇ ଅଭିଶାପ ପ୍ରଦାନ କରନ୍ତି ।

ଆଶ୍ୱିନ ମାସର ଚାନ୍ଦ୍ରମାସ ପକ୍ଷ ବା କୃଷ୍ଣ ପକ୍ଷ ପୃଥିବୀ ପୃଷ୍ଠ ଟି ମହାଆଳୟ ରେ ପରିଣତ ହୋଇଥାଏ । ପିତୃ ଓ ଅବିମୁକ୍ତ ଆତ୍ମା ଉଭୟ ଶ୍ରଦ୍ଧା ଓ କାମନା ରେ ନିଜ ଗୃହରେ ଉପଗତ ହୋଇଥାନ୍ତି । ଏହି ସମୟ ରେ ସେମାନଙ୍କ ଉଦ୍ଦେଶ୍ୟ ରେ ଶ୍ରାଦ୍ଧ, ପିଣ୍ଡ, ତିଳ ତର୍ପଣ ଅର୍ପଣ କଲେ ସେମାନେ ତୃପ୍ତ ହୋଇ ନିଜ ପରିବାର ର ପରିଜନ ମାନଙ୍କୁ ଆଶ୍ରିବାଦ ପ୍ରଦାନ କରିଥାନ୍ତି। ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ ଦେବା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଅଙ୍ଗ ହୋଇ ରହିଆସିଛି। ଶାସ୍ତ୍ର ମତରେ ଆମ ପୃଥିବୀ ଲୋକ ରେ ଏକ ବର୍ଷ ପିତୃ ଲୋକରେ ଏକ ଦିନ। ଏଣୁ ଶ୍ରାଦ୍ଧ ଦିବସ ଦିନ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ପିତୃପୁରୁଷଙ୍କୁ ପିଣ୍ଡ ଦାନ ସହିତ ବ୍ରାହ୍ମଣ ଭୋଜନ ପ୍ରଦାନ କରା ଯାଇଥାଏ। ପିତୃପୁରୁଷ ମାନଙ୍କୁ ପିଣ୍ଡ ଦାନ ଦ୍ୱାରା ସେମାନେ ଉପାସରେ ରହି ନଥାନ୍ତି। ଏଣୁ ସେମାନେ ତୃପ୍ତ ରହି ନିଜ ସନ୍ତାନ, ପରିବାର, ପରିଜନ ମାନଙ୍କୁ ଆଶ୍ରିବାଦ ପ୍ରଦାନ କରିଥାନ୍ତି।



ପିତୃ ପୁରୁଷ ମାନଙ୍କୁ ପିଣ୍ଡ ଦାନ ଦ୍ୱାରା ପରିବାର ରେ ସୁଖଶାନ୍ତି ବିରାଜମାନ କରିଥାଏ ବୋଲି ବିଶ୍ୱାସ ରହିଛି। ଯେଉଁ ମାନେ ଶ୍ରାଦ୍ଧ ଦିବସ ଦିନ ପିତୃ ପୁରୁଷ ମାନଙ୍କୁ ପିଣ୍ଡ ଦାନ କରି ପାରିନଥାନ୍ତି ସେମାନେ ଏହି ପିତୃପକ୍ଷ ବା ଅପର ପକ୍ଷ ରେ ପିତୃ ପୁରୁଷ ମାନଙ୍କୁ ପିଣ୍ଡ ଦାନ କରି ନିଜ ପରିବାରର ଶୁଭ କାମନା କରିଥାନ୍ତି। ଆଶ୍ୱିନ ମାସ ପ୍ରତିପଦ ଠାରୁ ଅମାବାସ୍ୟା ତିଥି ପର୍ଯ୍ୟନ୍ତ ୧୫ ଦିନ ଧରି ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ ପ୍ରଦାନ କରାଯାଇ ମହାଳୟା ଅମାବାସ୍ୟା ଦିନ ଶେଷ ହୋଇ ଥାଏ ।

ଏହି ପକ୍ଷ (୧୫ଦିନ)କୁ ସେଥିପାଇଁ ଅପର ପକ୍ଷ ବା ପିତୃ ପକ୍ଷ ବୋଲି କୁହା ଯାଇଥାଏ। ଏହି ପକ୍ଷରେ ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ (ପିଣ୍ଡ) ପ୍ରଦାନ କଲେ ପିତୃ ପୁରୁଷ ମାନେ ତୃପ୍ତ ହୋଇ ଥାଆନ୍ତି ବୋଲି ବିଶ୍ୱାସ ରହିଛି।

ଏଥିପାଇଁ ପୁରୀ ଶ୍ରୀ କ୍ଷେତ୍ରର ପଞ୍ଚ ତୀର୍ଥ ସହିତ ଭୁବନେଶ୍ୱରର ବିନ୍ଦୁ ସାଗର ଓ ଯାଜପୁର ର ବୈତରଣୀ ଘାଟ, ପୁଣ୍ୟତୋୟା ପ୍ରାଚୀ ନଦୀର ଦ୍ୱାଦଶ ତୀର୍ଥ ସ୍ଥାନରେ ଶ୍ରଦ୍ଧାଳୁ ମାନେ ପିତୃ ପୁରୁଷ ମାନଙ୍କୁ ଶ୍ରାଦ୍ଧ,ପିଣ୍ଡ,ତିଳ ତର୍ପଣ ଅର୍ପଣ କରିଥାନ୍ତି। ପିତୃ ପୁରୁଷ ମାନଙ୍କୁ ପିଣ୍ଡ ଦାନ କରିବା ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ରହି ଆସିଛି କାହିଁ କେତେ କାଳରୁ।

**ତୁଳସୀପୁର, ପୁରୀ**
**ମୋ-୯୪୩୯୩୬୧୮୮**

# ଶୁଭଶ୍ରୀଙ୍କ ମୃତ୍ୟୁ ଘଟଣାରେ ପିତାଙ୍କ ସହ ୪ଜଣ ଅଟକ

## ଶବର ସନ୍ଧାନ ପାଇନି ପୋଲିସ



ରାଜନଗର,୨୯।୯: ରାଜନଗର ବ୍ଲକ ରାଜପୁର ଗ୍ରାମର ରଙ୍କନିଧି ଦାସଙ୍କ ଝିଅ ଶୁଭଶ୍ରୀ ଦାସ(୧୯) ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ । ରବିବାର ଦିନ ହଂସୁଆ ସେତୁଠାରୁ କିଛି ଦୂରରେ ତାଙ୍କ ଶବ ଭାସୁଥିଲା । ତାଙ୍କ ବାପା, ମାମୁଁ ଓ ସଂପର୍କୀୟମାନେ ପହଂଚି ଶବକୁ ଚିହ୍ନଟ କରିଥିଲେ । ଶବକୁ ସେଠାରୁ ଉଦ୍ଧାର ନକରି ଓ ଥାନାରେ ନଜଣାଇ ପଥର ବାନ୍ଧି ନଦୀରେ ବୁଡାଇ ଦେଇଥିବା ନେଇ ଚର୍ଚ୍ଚା ହେଉଥିଲା । ପୋଲିସ ରାଜପୁର ଗାଁରେ ପହଂଚି ଅନୁଧ୍ୟାନ କରିବା ସହ ପରିବାର ଲୋକଙ୍କୁ ପଚାରି ବୁଝିଥିଲା । ଶୁକ୍ରବାରଠାରୁ ଝିଅ କେଉଁ ଆଡେ ଚାଲି ଯାଇଥିଲା ବୋଲି କହିଥିଲେ । ପୋଲିସର ସନ୍ଦେହ ହେବାରୁ ପିତା ରଙ୍କନିଧିଙ୍କ ସହ ତାଙ୍କ ସାନଭାଇ, ମାମୁଁ ଓ ଜଣେ ମତ୍ସ୍ୟଜିବୀଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛି । ଅଗ୍ନିଶମ ବାହିନୀ ଓ ପୋଲିସ ଟିମ ପହଂଚି ହଂସୁଆ ନଦୀ ଭିତରେ ମଙ୍ଗଳବାର ଦିନ ଖୋଜିଥିଲେ ମଧ୍ୟ ଶବ ମିଳିନଥିଲା । ଏସଂପର୍କରେ ଆଇଆଇସି ରତିରଂଜନ ନାୟକଙ୍କୁ ପଚାରିବାରୁ ଶବ ମିଳିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ସମସ୍ୟା ଘେରରେ ଗତି କରୁଛି ଅଣ୍ଟରା ପଞ୍ଚାୟତ

**ପଟ୍ଟାମୁଣ୍ଡାଇ,୨୯।୯ (ନି.ସୂ):** କଟକ ଜିଲ୍ଲାର ଶ୍ରେଷ୍ଠ ପଞ୍ଚାୟତ ଭାବରେ ପୁରସ୍କୃତ ହୋଇଥିବା ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଟରା ଗ୍ରାମ ପଞ୍ଚାୟତ ଶ୍ରୀହୀନ ହୋଇପଡିଛି । ଏହାର ପୂର୍ବତନ ସରପଞ୍ଚ ପଲ୍ଲୀଜ୍ୟୋତି ସ୍ୱର୍ଗତ ଗଣେଶ ଚନ୍ଦ୍ର ମହାନ୍ତି ଓ ବର୍ଷିଆନ ବସନ୍ତ କୁମାର ମଲ୍ଲିକ ଏହି ପଞ୍ଚାୟତର ଗରିମା ବଢାଇବା ସହିତ ବିଭିନ୍ନ ଜନହିତକର ପ୍ରକଳ୍ପ କରାଇବା ସହିତ ଅତ୍ୟାବଶ୍ୟକ ସରକାରି ଅନୁଷ୍ଠାନ ଖୋଲାଇପାରିଥିଲେ । ବିଡମ୍ବନାର ବିଷୟ ଏହି ଯେ ସରକାରଙ୍କର ୫ ବର୍ଷିଆ ସଂରକ୍ଷିତ ପଞ୍ଚାୟତ ପ୍ରତିନିଧି ନିୟମ ଲାଗୁ ହେବା ପରେ ପରେ ଅନ୍ୟାନ୍ୟ ଗ୍ରାମ ପଞ୍ଚାୟତ ପରି ମର୍ଯ୍ୟାଦା ସମ୍ପର୍ଣ୍ଣ ଅଣ୍ଟରା ଗ୍ରାମ ପଞ୍ଚାୟତରେ ବସ୍ତୁତଃ ନେତୃତ୍ୱ ସଙ୍କଟ ଦେଖା ଦେଇଛି । ବର୍ତ୍ତମାନ ଉଭୟ ସରପଞ୍ଚ ଓ ସମିତି ସଭ୍ୟ ପଦରେ ଅନୁସୂଚିତ ଜାତିର ମହିଳା ଅଛନ୍ତି ।ଏମାନଙ୍କ କାର୍ଯ୍ୟକାଳ ସରିବାକୁ ବସିଲାଣି ହେଲେ ଉଭୟଙ୍କ ମଧ୍ୟରେ ସମନ୍ୱୟ ଅଭାବ କାରଣରୁ ଅଣ୍ଟରା ପଞ୍ଚାୟତକୁ ଅନେକ ସମୟରେ ସରକାରୀ ସହାୟତା ମିଳୁନି କିମ୍ବା ବିଳମ୍ବରେ ଆସୁଛି । ସରପଞ୍ଚ ନିଜେ ନିୟମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିପାରୁନାହାନ୍ତି । ଅବଶ୍ୟ ସରପଞ୍ଚଙ୍କ ସ୍ୱାମୀ ବର୍ତ୍ତମାନ ଅସୁସ୍ଥ ! ଯେଉଁଥିପାଇଁ ଲୋକମାନେ ମାନବିକତା ଦୃଷ୍ଟିରୁ କିଛି କହି ପାରୁ ନାହାନ୍ତି । ଏପଟେ ପଞ୍ଚାୟତରେ ପ୍ରଳୟଙ୍କରି ବନ୍ୟା ସମୟରୁ ସମସ୍ୟା ଦ୍ୱିଗୁଣିତ ହୋଇଛି । ରିଲିଫ ବଣ୍ଟନ ସହିତ ଲୋକମାନଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ଠିକଣା ସମୟରେ ଦିଆଯାଇ ପାରିନି । ନାଏବ ସରପଞ୍ଚ ବାବାଜୀ ମଲ୍ଲିକ ଅତୀତରେ ପଞ୍ଚାୟତରେ ବିଭିନ୍ନ ଅନିୟମିତତା ହେଉଥିବା କାରଣରୁ ସୂଚନା ଅଧିକାର ସହାୟତା ରେ ଲିଖିତ ତଥ୍ୟ ମାଗିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଶୋକ କୁମାର ଜେନା ଅଣ୍ଟରା ପଞ୍ଚାୟତ ସହିତ ଅନ୍ୟ ପଞ୍ଚାୟତ ଦାୟିତ୍ୱରେ ଥିବାରୁ ଅଣ୍ଟରା ପଞ୍ଚାୟତ କାର୍ଯ୍ୟାଳକୁ ନିୟମିତ ଆସୁନାହାନ୍ତି ।ଭତ୍ତା ଟଙ୍କା ସହିତ ଅନ୍ୟାୟ କାର୍ଯ୍ୟ ଲୋକମାନଙ୍କର ଠିକ ସମୟରେ ହୋଇ ନପାରିବାରୁ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୧୫ଟି ୱାର୍ଡକୁ ନେଇ ଗଠିତ ଅଣ୍ଟରା ଗ୍ରାମ ପଞ୍ଚାୟତ ଭୌଗଳିକ ଦୃଷ୍ଟିରୁ ବଡ଼ ପଞ୍ଚାୟତ । ଏହି ପଞ୍ଚାୟତର ୬ ନମ୍ବର ୱାର୍ଡ ବ୍ରାହ୍ମଣସାହି ଓ ଗିରିସାହି ରାସ୍ତାରେ ଥିବା କଲଭର୍ଟ ୨୦୨୫ ମସିହା ବନ୍ୟାରେ ଭୁଶୁଡି ଥିବା ବେଳେ ଅଦ୍ୟାବଧି ନିର୍ମାଣ ହେଲା ନାହିଁ,ଯଦ୍ୱାରା ଚଳିତ ବର୍ଷର ବାରମ୍ବାର ବନ୍ୟା ଆସିବା ଫଳରେ ଦୀର୍ଘ ୨ମାସ ଧରି ଏହିୱାର୍ଡର ଲୋକମାନେ ହଇରାଣ ହେଉଛନ୍ତି । ଏହା କେବଳ ଦୁର୍ବଳ ନେତୃତ୍ୱ ଯୋଗୁଁ ଘଟୁଛି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି । ଅନ୍ୟ ପକ୍ଷରେ ପୂର୍ତ୍ତ ବିଭାଗ ସଡ଼କ ଠାରୁ ଗାଁ ଭିତର ରାସ୍ତା ଚଳିତ ବନ୍ୟାରେ ଗୋବିନ୍ଦ ମଳିକଙ୍କ ଘର ପାଖରେ ସମ୍ପୂର୍ଣ୍ଣ ଭାବରେ କ୍ଷତିଗ୍ରସ୍ତ ହୋଇଛି ! ଗତ ୩ ଦିନ ତଳେ ଏକ ୪ ଚକିଆ ଯାନ ଫସି ଯିବାରୁ ଏହି ମୁଖ୍ୟ ସଡ଼କ ବନ୍ଦ ରହିଲା ଆମ୍ବୁଲାନ୍ସ, ପିଡିଏସ ଚାଉଳ ଗାଡ଼ି, ସ୍କୁଲ ଗାଡ଼ି ସବୁ ବନ୍ଦ ରହିଲା । ଗ୍ରାମ ପଞ୍ଚାୟତ ଅଧିକାରୀ ଙ୍କର ରାସ୍ତାର ସାମୟିକ ମରାମତି କରିବାର ପୂର୍ଣ୍ଣ ଅଧିକାର ରହିଛି । ଗ୍ରାମ ପଞ୍ଚାୟତ ତହବିଲରେ ବାବଦ ବାବଦକୁ ଖର୍ଚ୍ଚ କରିବାକୁ ବିଭିନ୍ନ ଫଣ୍ଡ ରହିଛି ! ବିଡ଼ିଓଙ୍କୁ ଅବଗତ କରି ଅତ୍ୟାବଶ୍ୟକ ରାସ୍ତା ମରାମତି କରାଯାଇ ପାରିବ । ମୋଟ ଉପରେ କହିବାକୁଗଲେ ଅଣ୍ଟରା ପଞ୍ଚାୟତରେ ବିକାଶ କାର୍ଯ୍ୟ ଠପ ! ବା ଏହି ପଞ୍ଚାୟତରେ ଅଚଳାବସ୍ଥା ଲାଗିରହିବାରୁ ଲୋକ ମାନେ ଅନେକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

**ପ୍ରଶାସନର ନିଘା ନାହିଁ**

# ଦୋକାନ ଓ ଠାକୁର ହୁଣ୍ଡୀ ବାକ୍ସ ଚୋରି କରି ଯୁବକ ଥାନାରେ ଅଟକ

## ଅନ୍ୟ ୫ସହଯୋଗୀ ଫେରାର

ନୀଳଗିରି,୨୯ ।୯(ନି.ସୂ): ନୀଳଗିରି ଥାନା ଏବଂ ଈଶ୍ୱରପୁର ଫାଣ୍ଡି ଅଧିନ କାଣ୍ଡଗରଡ଼ି ପଞ୍ଚାୟତ ରାମଚଣ୍ଡୀ ମନ୍ଦିରରୁ ପୂର୍ବରୁ ଠାକୁରଙ୍କ ମୁକୁଟ, ଦୁଇଟି ପିଟା ଘଣ୍ଟା, ଗୋଟିଏ ଘଣ୍ଟି, ଚୋରି ନେଇ ଈଶ୍ୱରପୁର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା ବେଳେ ପୋଲିସ ତଦନ୍ତ କରିଥିଲେ । ପୁଣି ଗତ ୨୭ତାରିଖ ବିଳମ୍ବିତ ରାତ୍ରିରେ କାଣ୍ଡଗରଡି ପଞ୍ଚାୟତ କାନପୁର ଗ୍ରାମର ରାମନାଥ ମହାରଣା (୭୨)ସନ୍ତରଗଡିଆ ବଜାରରେ ଥିବା ଦୋକାନ କୁ ଆଜି ସକାଳେ ଆସି ଦେଖିବା ବେଳକୁ ତାଙ୍କ ଦୋକାନରେ ରଖିଥିବା ୭୦୦୦ ନଗଦ ଟଙ୍କା, ବିସ୍କୁଟ, ଚେନାଚୁର ଚୋରି ହେବା ସହିତ ସନ୍ଧ୍ୟାରେ ରାମଚଣ୍ଡୀ ମନ୍ଦିରରୁ ଆଣି ରଖିଥିବା ହୁଣ୍ଡୀ ବାକ୍ସ ଚୋରି ହୋଇଯାଇଥିଲା , ଏହି ହୁଣ୍ଡୀ ବାକ୍ସରେ ୭ ହଜାରରୁ ୧୦ହାଜର ଟଙ୍କା ଥିଲା । ଏନେଇ ଆଜି ସକାଳେ ରାମନାରାୟଣ ଙ୍କ ସମେତ ବଜାର ଲୋକମାନେ ପାଖ ଦୋକାନ ସିସି ଟିଭି ଫୁଟେଜ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ଅଙ୍କୁରଖୁଣ୍ଟା ଗ୍ରାମର କମଳଲୋଚନ ବାରିକ ଙ୍କ ପୁଅ ଗିରିଶ କୁମାର ବାରିକ ଏସବୁ ଚୋରିକରି ନିଜ ଫାଷ୍ଟ ଫୁଡ ଦୋକାନ ରେ ରଖିଥିବା ଜାଣିବାକୁ ପାଇଥିଲେ । ପରେ ଗିରିଶ କୁ ଅଟକାଇ ସବୁ ପଚାରିବାରୁ ସତ ମାନିବା ସହିତ ତାଙ୍କ ସହିତ ଆହୁରି ୫ସହଯୋଗୀ ସମ୍ପୃକ୍ତି ଥିବା ନେଇ ମାନିଥିଲେ । ଘଟଣା ସମ୍ପର୍କରେ ରାମନାରାୟଣ ଈଶ୍ୱରପୁର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗିରିଶ ଙ୍କ ଫାଷ୍ଟ ଫୁଡ ଦୋକାନ କୁ ଯାଞ୍ଚ କରିବାରୁ ହୁଣ୍ଡୀ ବାକ୍ସ, ନଗଦ ଟଙ୍କା ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ମିଳିଥିଲା । ପରେ ନୀଳଗିରି ଥାନା ପୋଲିସ ଗିରିଶଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଥିବା ବେଳେ ଚୋରୀରେ ସମ୍ପୃକ୍ତ ଅନ୍ୟ ୫ସହଯୋଗୀଙ୍କୁ ପୋଲିସ ଖୋଜୁଥିବା ସୂଚନା ମିଳିଛି ।

# ରଶିରେ ଝୁଲି ପଡ଼ିଲେ ମହିଳା

## ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ରାଜନଗର,୨୯।୯: ରାଜନଗର ଥାନା ସାନବଡ଼ ଗୋପାଳପୁର ପଞ୍ଚାୟତ ଗର୍ଜନପୁର(ଗୋସିଗାଁ) ଗ୍ରାମର ଇନ୍ଦ୍ରମଣି ରାଉତଙ୍କ ବୋହୂ ସୁଜାତା ପ୍ରଧାନ ନିଜ ଶଶୁର ଘର ଉପର ତାଲା ଘରେ ରଶି ଦେଇ ଥିବା ଦେଖିବାକୁ ମିଳିବା ପରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ଅପର ପକ୍ଷରେ ସୁଜାତାଙ୍କୁ ତାଙ୍କ ଶାଶୂଘର ଲୋକେ ମିଳିମିଶି ହତ୍ୟା କରିଥିବା ନେଇ ତାଙ୍କ ବାପା ହଳଧର ପ୍ରଧାନ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଆଇଆଇସି ରତିରଞ୍ଜନ ନାୟକ ସଦଳବଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସୁଜାତାର ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଆଜି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ଅଭିଯୋଗ ଅନୁସାରେ ରାଜନଗର ଥାନାରେ ଏ ନେଇ କେସ ନମ୍ବର. ୩୫୨/୨୬ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରୁଛି । ଏହି ଘଟଣାରେ ସୁଜାତାର ସ୍ୱାମୀ ଧର୍ମେନ୍ଦ୍ର ରାଉତଙ୍କୁ ପୋଲିସ ଅଟକ ରଖିଛି ।ଅଭିଯୋଗ ଅନୁସାରେ ୯ ବର୍ଷ ତଳେ ସୁଜାତା ଗୋସିଗାଁକୁ ବୋହୂ ହୋଇ ଆସିଥିଲେ । ଶାଶୂଘର ଲୋକେ ଅଧିକାଂଶ ସମୟରେ ତାଙ୍କୁ ଶାରୀରିକ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିବା ନେଇ ମୃତ ସୁଜାତାର ବାପା ହଳଧର ପ୍ରଧାନ ଅଭିଯୋଗ କରିଛନ୍ତି । ତାଙ୍କର ୪ ବର୍ଷ ଓ ଦେଢ଼ ବର୍ଷର ଦୁଇ ପୁଅ ଅଛନ୍ତି । ସୂଚନା ଅନୁସାରେ ଗତକାଲି ୨୮ତାରିଖରେ ନିଜ ବାପା ହଳଧର ଓ ସ୍ୱାମୀଙ୍କ ସହ ଭୁବନେଶ୍ୱର ଯାଇଥିଲେ ।ରାତିରେ ଗୋସିଗାଁକୁ ଫେରିଥିଲେ ।୨୯ ତାରିଖ ବୁଧବାର ସକାଳ ପ୍ରାୟ ୮ଟା ସମୟରେ ହଳଧର ଗୋସିଙ୍ଗାରୁ ଯାଇଥିଲେ । ପରେ ସ୍ୱାମୀଙ୍କ ଡ୍ରେସ ସଫା କରିବା ପରେ ଶ୍ୱଶୁରଙ୍କୁ ଖାଇବାକୁ ଦେଇଥିଲେ । ଏହାପରେ ଉପରେ ଘରେ ଦଉଡି ଦେଇଥିବା ପରିବାର ପକ୍ଷରୁ କୁହାଯାଉଛି ।ଅପର ପକ୍ଷରେ ସ୍ୱାମୀ ଧର୍ମେନ୍ଦ୍ର ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡ଼ିଛି ।

# ହାତର ଟାଟୁ ଦେଖି ଚୋରଙ୍କୁ ଧରିଲା ପୁଲିସ: ୩ ଗିରଫ




କଟକ ସିଟି,୨୯।୯ (ନି:ସୂ): ମାଲଗୋଦାମ ପିଲଗ୍ରିମ୍ ରୋଡ୍‌ସ୍ଥିତ ‘ସଙ୍କଟମୋଚନ ଷ୍ଟିଲ୍ କର୍ପୋରେସନ୍’ରୁ କାନ୍ଥ ଓ ତାଲା ଭାଙ୍ଗି ଜିପି କୋଏଲ୍ ଏବଂ ନଗଦ ୩୦ ହଜାର ଟଙ୍କା ଚୋରି ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି । ସିସିଟିଭି ଫୁଟେଜ୍‌ରୁ ଜଣେ ଦୁର୍ବୃତ୍ତର ହାତରେ ଥିବା ‘ଟାଟୁ’ ଚିହ୍ନକୁ ଆଧାର କରି ମାଲଗୋଦାମ ଥାଣା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମଧୁପାଟଣା ଅଞ୍ଚଳର ସୁରେଶ ରାଓ, ଜ୍ୟୋତି ରାଓ ଏବଂ ଚୋରି ସାମଗ୍ରୀ କିଣିଥିବା ଜଗତସିଂହପୁର ବିରିଡ଼ି ଅଞ୍ଚଳର ବ୍ୟବସାୟୀ ପ୍ରମୋଦ କୁମାର ପରିଡ଼ା । ପୁଲିସ ସେମାନଙ୍କ ନିକଟରୁ ୧୭ ବଣ୍ଡଲ୍ ଜିପି କୋଏଲ୍ ଏବଂ ଚୋରିରେ ବ୍ୟବହୃତ ଗୋଟିଏ ଅଟୋ ରିକ୍ସା ।

# ଜଳେଶ୍ୱର ପରିବର୍ତ୍ତେ ବେଲଦାରୁ ଯାତାୟାତ କରୁଛି ଜଳେଶ୍ୱର-ହାଓଡା ମେମୁ ଟ୍ରେନ

ଜଳେଶ୍ୱର,୨୯।୯ (ନି.ସୂ): ଉତ୍ତରବାଲେଶ୍ୱର ଅଞ୍ଚଳବାସୀଙ୍କ ପାଇଁ କୋଲକାତା ତଥା ପଶ୍ଚିମବଙ୍ଗର ଅନ୍ୟ ସ୍ଥାନ ସହ ଯୋଗାଯୋଗ ପାଇଁ ଜଳେଶ୍ୱର ହାଓଡ଼ା ଓ ହାଓଡ଼ା ଜଳେଶ୍ୱର ଟ୍ରେନ ଲାଇଫ ଲାଇନ ଭାବେ କାର୍ଯ୍ୟ କରିଥାଏ । କିନ୍ତୁ ଗତ କିଛି ସପ୍ତାହ ଧରି ତୃତୀୟ ରେଳ ଲାଇନର ସମ୍ପ୍ରସାରଣ କାମ ବାହାନା ନେଇ ଦକ୍ଷିଣ ପୂର୍ବ ରେଳବାଇ କର୍ତ୍ତୃପକ୍ଷ ଏହି ଟ୍ରେନକୁ ପଶ୍ଚିମବଙ୍ଗ ର ବେଲଦାର ରୁ ଯାତାୟାତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଏହି ଟ୍ରେନ ଉପରେ ନିର୍ଭର କରୁଥିବା ଉତ୍ତର ବାଲେଶ୍ୱର ଅଞ୍ଚଳବାସୀ କୋଲକାତା ତଥା ପଶ୍ଚିମବଙ୍ଗର ଅନ୍ୟ ଅଞ୍ଚଳକୁ ଗମନାଗମନ ପାଇଁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ତେଣୁ ଏହି ମେମୁ ଟ୍ରେନ ତାର ପୂର୍ବ ନିର୍ଦ୍ଧାରିତ ଗନ୍ତବ୍ୟ ପଥ ଜଳେଶ୍ୱରରୁ ହାଓଡ଼ା ମଧ୍ୟରେ ଯାତାୟାତ କରୁ ବୋଲି ଗତକାଲି ଅପରାହ୍ନରେ ଜଳେଶ୍ୱର ଷ୍ଟେସନବଜାର ସ୍ଥିତ କାଳି ମନ୍ଦିର ସମ୍ମିଳନୀ କକ୍ଷରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଦାବି କରାଯାଇଛି ।ଏହି ବୈଠକରେ ପରିଷଦ ର ସଭାପତି ଡ. ରମାକାନ୍ତ ଭଞ୍ଜ ଅଧ୍ୟକ୍ଷତା କରିଥିଲେ ।ସମ୍ପାଦକ ରାମଚନ୍ଦ୍ର ଜେନା,ଡ. ଅଜିତ କୁମାର ମହାନ୍ତି,ବନମାଳୀ ଧଳ,ସାମ୍ବାଦିକ ଅବନୀ କୁମାର ଚାନ୍ଦ,ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନ ଜଳେଶ୍ୱର ଶାଖାର ସଭାପତି ଖଗେନ୍ଦ୍ର ନାଥ ସାହୁ,ରାଧା ରଞ୍ଜନ ସାହୁ,ଶରତ ଚନ୍ଦ୍ର ପରିଡା,ସିଦ୍ଧେଶ୍ୱର ପଣ୍ଡା,ସତ୍ୟ ନାରାୟଣ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ହୋଇ ଜଳେଶ୍ୱର ରୁ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏହି ମେମୁ ଟ୍ରେନ ପାଇଁ ରେଳ ବିଭାଗ ର ଏପରି ବେପରୁଆ ମନୋଭାବ କୁ ନାପସନ୍ଦ କରିଥିଲେ । ଆସନ୍ତା ୩ ତାରିଖରେ ଷ୍ଟେସନ ସମ୍ମୁଖରେ ଏକ ପ୍ରତୀକ ଧାରଣା ପାଇଁ ବୈଠକର ନିଷ୍ପତି ନିଆଯାଇଥିଲା । ଧାରଣାକୁ ସଫଳ କରିବା ପାଇଁ ଆସନ୍ତା ୧ ତାରିଖ ଅପରାହ୍ନ ୪ ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି ।

# ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ଉଦଘାଟନୀ ଉତ୍ସବ

**ଆଠମଲ୍ଲିକ, ୨୯।୦୯ (ନି.ସୂ):** ଆଠମଲ୍ଲିକ ସହର ମଧ୍ୟରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ଉତ୍ସବ ଉଦଘାଟନ ର ପ୍ରଥମ ସ୍ୱପାନ କୁ ଏକ ଯଜ୍ଞ କାର୍ଯ୍ୟକ୍ରମରୁ ବିଦ୍ୟାଳୟର ପରିଚାଳନା କମିଟି ର ସଭାପତି ଆଦିତ୍ୟ କୁମାର ସାହୁ ଙ୍କ ତତ୍ୱାବଧାନ ରେ ଅନୁଷ୍ଠାନିକ ଭାବରେ ଆରମ୍ଭ ହୋଇଯାଇଛି । ଏହିକାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ସ୍ୱାମି ସୁଧାନନ୍ଦ ଜୀ ସରସ୍ୱତୀ ଯୋଗ ଦେଇ ଛାତ୍ର ଛାତ୍ରୀ ଜୀବନ କୁ ଶୃଙ୍ଖଳିତ, ବ୍ୟବସ୍ଥିତ, ସଂଯମିତ କରିବା କେବଳ ବିଦ୍ୟାଳୟ ର ଦାଇତ୍ୱ ନୁହଁ, ଏଥିପାଇଁ ବାପା, ମା ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଅଟେ ବୋଲି ତାଙ୍କ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଛାତ୍ର ମାନେ ମା ମହେଶ୍ୱରୀ ଙ୍କ ମନ୍ଦିରରୁ ଅଗ୍ନିଜ୍ୱତି ସହିତ ଏକ ପଟୁଆର ରେ ବାହାରି ବିଦ୍ୟାଳୟ ରେ ସ୍ଥାପନ କରିଥିଲେ । ଦିନ ୩ଟା ସମୟ ରେ ବିଦ୍ୟାଳୟ ର ଅଭିଭାବିକା ମାନେ କଳସ ଯାତ୍ରା ରେ ସହର ପରିକ୍ରମା କରିଥିଲେ । ବିଦ୍ୟାଳୟ ର ଗୁରୁମା ରଜ୍ଜୁମଣି ତ୍ରିପାଠୀ ଏବଂ ଛାତ୍ରୀମାନେ ସାମୁହିକ ଭାବରେ ହନୁମାନ ଚାଳିଶା ପାଠ କରିଥିଲେ ।ସ୍ୱାମୀ ରବିନାରାୟଣଜୀ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ରଜତ ଜୟନ୍ତୀ କମିଟିର ସଭାପତି ପ୍ରଫେସର ନନ୍ଦ କିଶୋର ମହାକୁଡ଼, ବିଦ୍ୟାଳୟ ର ଯୁଗ୍ମ ସମ୍ପାଦକ ଧ୍ରୁବଚରଣ ବଡ଼ମାଳୀ ମଞ୍ଚାସିନ ଥିଲେ । ଗୁରୁଜୀ ରବୀନ୍ଦ୍ର କୁମାର ଥାଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ପରିଶେଷ ରେ ଧନ୍ୟବାଦ ଆର୍ପଣ କରିଥିଲେ । ଗୁରୁ ମା ବବିତା ପାତ୍ର, ରୋଜାଲିନ ସାହୁ, ରତ୍ନ ପ୍ରଭା ପ୍ରଧାନ, ଲିପ୍ସାମୟୀ ଶତପଥୀ, ଗୁରୁଜୀ ଉମାପ୍ରସାଦ ନନ୍ଦ, ଦିଲ୍ଲୀପ କୁମାର ମିଶ୍ର, ରାଜେଶ କର୍ମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।



# ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ

ଖୋରଧା ୨୯।୯(ନି.ସୂ) : ଖୋରଧା ଗୁରୁଜଙ୍ଗ ପି ଏମ ଉଚ୍ଚ ବିଦ୍ୟାଳୟ ବିଶ୍ୱ ଜଳାତଙ୍କ ଦିବସ ଅବସର ରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ପଶୁ ଚିକିତ୍ସକ ଡା. ପ୍ରଜ୍ଞା ହରିଚନ୍ଦନ ଓ ଡା. ରଶ୍ମିକାନ୍ତ ପାଲଟାସିଂହ ଯୋଗଦେଇ ଜଳାତଙ୍କ ରୋଗର କାରଣ, ଏହାର ସଂକ୍ରମଣ ଓ ପ୍ରତିରୋଧ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ ।

ବକ୍ତାମାନେ କୁକୁର ଓ ଅନ୍ୟାନ୍ୟ ସଂକ୍ରମିତ ପ୍ରାଣୀଙ୍କ କାମୁଡ଼ାରୁ ଜଳାତଙ୍କ ରୋଗ ହୋଇପାରେ ବୋଲି ସୂଚନା ଦେବା ସହ ପ୍ରାଣୀ କାମୁଡ଼ିଲେ ତୁରନ୍ତ କ୍ଷତସ୍ଥାନକୁ ସାବୁନ ଓ ପ୍ରବାହିତ ଜଳରେ ଭଲ ଭାବେ ଧୋଇ ଚିକିତ୍ସକଙ୍କ ପରାମର୍ଶ ନେବାକୁ କହିଥିଲେ । ଏଥିସହ ପ୍ରାଣୀମାନଙ୍କର ନିୟମିତ ଟିକାକରଣ ଓ ଜଳାତଙ୍କ ନିରାକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଚିତ୍ରା ନାୟକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପ୍ରାଣୀଙ୍କ ସୁରକ୍ଷା ଓ ଜଳାତଙ୍କ ରୋଗ ପ୍ରତିରୋଧ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥିଲା ।

# ଚାନ୍ଦା ଆଦାୟ ପୁଲିସର ଚଢ଼ାଉ

## ୨ ଗିରଫ,ଜଣେ ଫେରାର

ଜଳେଶ୍ୱର,୨୯।୯ (ନି.ସୂ): ଜଳେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ସନ୍ନିକଟରେ ଗାଡ଼ି ଚାଳକଙ୍କୁ ଭୟଭୀତ କରି କେତେକ ଅସାମାଜିକ ଯୁବକ ଚାନ୍ଦା ଆଦାୟ କରୁଥିବା ବେଳେ ଜଳେଶ୍ୱର ଥାନା ପୁଲିସ ଚଢାଉ କରି ୨ ଜଣକୁ ଗିରଫ କରିଛି ।ତେବେ ଚଢ଼ାଉ ସମୟରେ ଅନ୍ୟ ଜଣେ ଫେରାର ହୋଇଯାଇଛି ।ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ଜଳେଶ୍ୱର ଥାନା ଅଧିନସ୍ଥ ଗୋବରଘାଟା ଗ୍ରାମର ବିଜୟ କୁମାର ସୋରେନ୍(୨୮) ଓ ଦାନ୍ତୁନ ଥାନା ମାଲପଡା ଗାଁର ଦେବୁ ଘୋଷ(୩୯) ।ଗିରଫ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ କୁ ପଠାଇ ଦିଆଯାଇଛି ।ସେମାନଙ୍କ ଠାରୁ ଡବ୍ଲୁବି୩୫ଏଫ-୨୫୨୦ ନମ୍ବରର ହୋଣ୍ଡା ସାଇନ୍ ବାଇକ୍,ନଗଦ ୧୨୦୦ ଟଙ୍କା,୩ ମୋବାଇଲ ଫୋନ ଜବତ୍ ହୋଇଛି ।ଫେରାର ଅଭିଯୁକ୍ତ ଜଣକ ହେଉଛି ଦାନ୍ତୁନ ଥାନା ଧୁମସାହି ଗ୍ରାମର ମୁଷା ଫେରାର ।ଏନେଇ ପୁଲିସ ୫୭୫ ନମ୍ବରର ଏକ ମାମଲା ରୁଜୁ କରିଛି । ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜା ରେ ଆଖପାଖ ଅଞ୍ଚଳ ଏବେ ଚାନ୍ଦା ଆଦାୟକାରୀଙ୍କ ଭୂସ୍ୱର୍ଗ ପାଲଟିଛି ।ଜଳେଶ୍ୱର ପୁଲିସ ଦୁଇ ଦୁଇ ଥର ଚଢ଼ାଉ କରି ଦୁଇଟି ମାମଲାରେ ୩ ଜଣକୁ ଗିରଫ କରିଛି ବୋଲି ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ସୂଚନା ଦେଇଛନ୍ତି ।



# ଧର୍ମଗଡ ବ୍ଲକ ଯାଦବ ସମିତିର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ



ଧର୍ମଗଡ,୨୯।୯(ନି ସୂ) କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ପର୍ଲା ଖେଳପଡିଆ ମଞ୍ଚରେ ଧର୍ମଗଡ ବ୍ଲକ ଯାଦବ ସମିତି ର ନୂଆଁଖାଇ ଭେଟଘାଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାଇଚାରା ଓ ସଦଭାବନା ର ପର୍ବ ପଶ୍ଚିମ ଓଡିଶା ର ମହାନ ଗଣପର୍ବ ନୂଆଁଖାଇ ଅବସରରେ ନିଜ ନିଜ ମଧ୍ୟରେ ଭାଇଚାରା ଓ ସଦଭାବନା ସୃଷ୍ଟି ପାଇଁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆସନ୍ତା ତାରିଖ ୨୫/୧୧/୨୦୨୬ ରେ କରିବାପାଇଁ ସ୍ଥିର କରାଯାଇଛି, ଏହି ପରିପ୍ରେକ୍ଷୀରେ ଧର୍ମଗଡ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ଯୁଆଡଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି, ଉକ୍ତ ବୈଠକ ରେ ବ୍ଲକ ଉପସଭାପତି ଭବାନୀ ଖଡ଼ିକାର ସହ ସମ୍ପାଦକ ଗୌତମ ବାଗ ଆଞ୍ଚଳିକ ସଭାପତି ଧନିରାମ ଗୋପାଳ, ନିରାକାର ଗୋପାଳ, ଶଶୀଧର ନାଗ, ଦୁଃଶାସନ ଭଇସାଲ, ବୈକୁଣ୍ଠ କାଣ୍ଡ ରିଖିରାମ ବାରିକ, ଉଛବ ହଂସ ଉପସଭାପତି ଘାସିରାମ ଖରସେଲ, ଆଞ୍ଚଳିକ ସମ୍ପାଦକ ଚୌବନ କଟା, ଅଧିକ ଜାଲ,ଶିବାଲଲ ବାଗ, ଦିଗାମ୍ବର ବେମାଲ,ସୋସିଆ ହାତୀ, ମଧୁସୂଦନ ବାଗ,କେଶବ ଜୟରାମ ଖରସେଲ, ମଦନ ହଂସ ଉପସ୍ଥିତ ରହିଥିଲେ,କାର୍ଯ୍ୟକ୍ରମ କୁ ବ୍ଲକ ଯାଦବ ସମ୍ପାଦକ ଅରକ୍ଷିତ ଭଇସାଲ ପରିଚାଳନା କରିଥିଲେ ।

# ଅବକାରୀ ବିଭାଗର ବଡ଼ ଧରଣର ଚଢ଼ଉ

## ୧୨ କେଜି ଗଞ୍ଜାପ ଜବତ, ୨ ଗିରଫ



ପାରାଦୀପ ୨୯।୦୯ (ନି.ସୂ): ପାରାଦୀପ ଏବଂ ଏହାର ଆଖପାଖ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପାରାଦୀପ ଅବକାରୀ ରେଞ୍ଜ ଏବଂ ଅବକାରୀ ଷ୍ଟେସନ ପକ୍ଷରୁ ହୋଇଥିବା ପୃଥକ୍ ଚଢ଼ଉରେ ବେଆଇନ ମଦ ଏବଂ ଗଞ୍ଜାପ ଜବତ ହେବା ସହ କିଛି ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

ପ୍ରାପ୍ତ ସୂଚନା ଅନୁଯାୟୀ, ପାରାଦୀପ ଅବକାରୀ ରେଞ୍ଜ ପକ୍ଷରୁ ନିମିଧି ଗ୍ରାମର ରାସ୍ତାରେ ଏକ ଚଢ଼ଉ କରାଯାଇଥିଲା । ଏହି ସମୟରେ ଏନଡିପିଏସ (ଘଉଚଝ) ଆଇନ ଅଧୀନରେ ୧୨ କେଜି ଗଞ୍ଜାପ ଜବତ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୧,୨୦,୦୦୦ ଟଙ୍କା ଏବଂ ବିକ୍ରି ପ୍ରୋସିଡ୍ ୧,୧୬,୨୦୦ ଟଙ୍କା ରହିଛି । ଏହି ମାମଲାରେ ପାରାଦୀପ ଗଡ଼ ଅନ୍ତର୍ଗତ ନିମିଧି ଗ୍ରାମର ଦୁଇ ଭାଇ ଅମ୍ବିଲ ସ୍ୱାଇଁ (୪୮) ଏବଂ ଲୋକନାଥ ସ୍ୱାଇଁ (୪୬) ଉଭୟ ସ୍ୱର୍ଗତ ଭୀମ ସ୍ୱାଇଁଙ୍କ ପୁଅଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ, ପାରାଦୀପ ଅବକାରୀ ଷ୍ଟେସନ ପକ୍ଷରୁ ଅନ୍ୟ ଏକ ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଅଭୟଚନ୍ଦ୍ରପୁର ଥାନା ଅନ୍ତର୍ଗତ ରଙ୍ଗିଆଗଡ଼ର ରବିନ୍ଦ୍ର ମଲ୍ଲିକ (୩୨)ଙ୍କଠାରୁ ୩.୬୦୦ ଲିଟର ଏବଂ ପାରାଦୀପର କବୀର ବିସ୍ୱାଳ (୫୯)ଙ୍କଠାରୁ ୩.୨୪୦ ଲିଟର ଆଇଏମଏଫଏଲ (ଓଗରଖ) ବେଆଇନ ମଦ ଜବତ କରାଯାଇଛି । ଏହି ସମସ୍ତ ସଫଳ ଅଭିଯାନରେ ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକନ୍ତ ପଟ୍ଟନାୟକ, ପାରାଦୀପ ଅବକାରୀ ଷ୍ଟେସନର ଓଆଇସି ଧର୍ମପଦ ଦାସ, ତିର୍ତ୍ତୋଲ ଅବକାରୀ ଷ୍ଟେସନର ଓଆଇସି ରବି ବେହେରାଙ୍କ ସମେତ ଏଏସଆଇ ଗୟାଧର ସେଠୀ, ମନୋରଞ୍ଜନ ଦାସ, ଦୀନବନ୍ଧୁ ସେଠୀ, ଜୟଦେବ ପାତ୍ର, ବର୍ଷାରାଣୀ ଖୁଣ୍ଟିଆ ଏବଂ ସନ୍ତୋଷୀ ସାହୁ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ବେଆଇନ କାର୍ବକାରିତାକୁ ଦମନ କରିବାରେ ସହାୟକ ହେବ ।

# ବିପୁଳ ପରିମାଣର ବ୍ରାଉନ ସୁଗାର୍ ଜବତ୍ , ଜଣେ ଗିରଫ



**ସିମୁଳିଆ ୨୯।୦୯(ନି.ସୂ.)** ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ପାଇ ଜିଲ୍ଲା ର କୋଣେ ଅନୁକୋଣେ ଅବକାରୀ ଉତ୍ପାଦ ଉପରେ ଚଢ଼ାଉ ଜାରି ରହିଥିବାର ସୂଚନା ଆମର ହସ୍ତଗତ ହୋଇଛି । ବିଶେଷ ଖବରରୁ ଜଣାଯାଏ, ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ନିଜର ଷ୍ଟାଫମାନଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ । ଏହି ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଥାନା ଅନ୍ତର୍ଗତ କୁପାରି କଲେଜ ଛକ ନିକଟରେ ଚଢ଼ାଉ କରାଯାଇ ୧୧୦ ଗ୍ରାମ ବ୍ରାଉନ ସୁଗାର୍ ଜବତ୍ କରିଯିବା ସହିତ ଏଥିରେ ସମ୍ପୃକ୍ତ ଖଇରା ଥାନା ଅନ୍ତର୍ଗତ କୁପାରି (କମାରସାହି) ଗ୍ରାମର ମିତା ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ୍ ବ୍ରାଉନସୁଗାର୍ ର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅନିତା ସାହୁ, ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା, କନେଷ୍ଟବଳ ଦେବାଶିଷ ମଲ୍ଲିକ ଓ ଶଶୀକାନ୍ତ ସାହୁ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ କେସ ନଂ:୧୬୯/୨୦୨୬-୨୭ ମୂଳେ ମାମଲା ରୁଜ୍ଜୁ କରାଯାଇଛି କ୍ଷ ପାର୍ବଣ ସମୟରେ ଚୋରା ମଦ ଓ ଧଳା ଜହର ବିକ୍ରୀ ରୋକିବା ପାଇଁ ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ାଉ କରାଯାଉଛି ।

# ବୋଇତ ବନ୍ଦାଣ ଉତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶ ପାଇଁ ପୁରୀରୁ ଆସିଲା ଆଜ୍ଞା ମାଳ



ନୀଳଗିରି, ୨୯/୯(): ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଅମ୍ବିକାପୁର ଗ୍ରାମରେ ଚଳିତ ବର୍ଷ ରାହାସ ପୂର୍ଣ୍ଣମୀ ପାଳନ ନିମନ୍ତେ ସାର୍ବଜନୀନ ବୋଇତ ବନ୍ଦାଣ କମିଟି ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶଅନୁଷ୍ଠିତ ପାଇଁ ପୁରୀରୁ ଆସିଲା ଆଜ୍ଞା ମାଳ । ଏହି ପରିପ୍ରେକ୍ଷୀରେ ପୁରୀ ଶ୍ରୀମନ୍ଦିରରୁ ଅଣାଯାଇଥିବା ଆଜ୍ଞା ମାଳକୁ ସର୍ବପ୍ରଥମେ ଗ୍ରାମ ବାସୀଙ୍କ ଦ୍ୱାରା କାଂଶ ପେଟ୍ରୋଲ ଟାଙ୍କି ଠାରେ ସ୍ୱାଗତ କରାଯାଇଥିଲା । ପରେ ଏହି ଆଜ୍ଞା ମାଳକୁ ଏକ ଶୋଭାଯାତ୍ରାରର ନେଇ ଗ୍ରାମ ଦେବୀ ମା ଆଙ୍କେଇ ଓ ବାବା ଖଜୁରେଶ୍ୱର ମହାଦେବଙ୍କ ଦର୍ଶନ ପରେ ଗ୍ରାମ ପରିକ୍ରମା କରାଇଥିଲା । ପରିକ୍ରମା ସମୟରେ ଶତାଧିକ ଗ୍ରାମର ଆବାଳ, ବୃଦ୍ଧ ବନିତାକାର୍ଯ୍ୟକ୍ରମ ରେ ଯୋଗଦେଇ ଶଙ୍ଖ, ହୋଳହୋଳି ହରିନାମ ସଂକୀର୍ତ୍ତନ, ରେ ଚତୁଃର୍ଦ୍ଦିଗ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ସର୍ବଶେଷରେ ଆଜ୍ଞା ମାଳ କୁ ନେଇ ଗ୍ରାମରେ ଥିବା ଶ୍ରୀ ହନୁମାନଙ୍କ ମନ୍ଦିରରେ ପହଞ୍ଚି ଆଜ୍ଞା ମାଳ କୁ ରଖାଯାଇଥିଲା ।

ଏହି ଆଜ୍ଞା ମାଳରେ ନାକ ଚଣା, ସିନ୍ତି, କୁଣ୍ଡଳ ଓ ମଣୀମାଳ ପୁରୀରୁ ଅଣାଯାଇ ଥିଲା । ଗ୍ରାମର ବୟୋଜ୍ୟୋଷ୍ଠ ଶ୍ରୀଚନ୍ଦ୍ର ମୋହନ ନାୟକ, ନିରଞ୍ଜନ ନାୟକ, ସଙ୍କୁରୁ ନାୟକ, ସୁଧାକର ନାୟକ ଙ୍କ ନେତୃତ୍ୱ ରେ ବୋଇତ ବନ୍ଦାଣ କମିଟିର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ମନୋଜ ଧଳ, ଅଜୟ ବିଶ୍ୱାଳ, ରଜତ ଦାସ, ମହେଶ୍ୱର ସେଠୀ, ବିଜୟ ବିଶ୍ୱାଳ, ମନୁ ସିଂ, ଦିବାକର ନାୟକ, ବାପୂନୁ ସେଠୀ, ଅରୁଣ ରାଉତ ଅଦ୍ୱୈତ୍ୟ ନନ୍ଦ, ଜଗନ୍ନାଥ ପଣ୍ଡା, ଅଜିତ ପଣ୍ଡା, ଲିପା ରାଉତ, ମହେନ୍ଦ୍ର ନାୟକ, ସୁରେନ୍ଦ୍ର ସାହୁ, ଶାନ୍ତନୁ ଧଳ, ରାଜା ପଣ୍ଡା, ଅଙ୍କୁର ବେଜ, ପ୍ରଦୀପ୍ତ ବିଶ୍ୱାଳ, ଜୟ କିଶୋର ମହାପାତ୍ର, ରାଜକିଶୋର ମହାପାତ୍ର ପ୍ରମୁଖ ଗ୍ରାମବାସୀ ଆଜ୍ଞାମାଳ ଆଣିବାକୁ ପୁରୀ ଯାଇଥିଲେ ।

# ଉପଖଣ୍ଡସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଡି ଏଫ ଓ ବ୍ରହ୍ମପୁର




ବ୍ରହ୍ମପୁର, ୨୯।୦୯(ନି ସୂ ):ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ଉପଖଣ୍ଡ ସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସପ୍ତାହ-୨୦୨୬ ପାଳନ କରାଯାଉଛି । ବନ୍ୟପ୍ରାଣୀ ସଂରକ୍ଷଣ ପୂର୍ବକ ଜଙ୍ଗଲ ସୁରକ୍ଷା, ବୃଦ୍ଧି ଏବଂ ମଣିଷ ଓ ବନ୍ୟପ୍ରାଣୀଙ୍କ ସହାବସ୍ଥାନ ଦ୍ୱାରା ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏପରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବ୍ରହ୍ମପୁର ଡିଏଫ୍ଓ ଙ୍କ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା ଃ ବିରଳ ତଥା ଅବକ୍ଷୟମୁଖୀ ପ୍ରାଣୀ ସହ ବନ୍ୟପ୍ରାଣୀ ସୁରକ୍ଷା ଏବଂ ପୁନଃବସତି ନିର୍ଦ୍ଦେଶାବଳୀ ଅନୁପାଳନ, ମଣିଷ ଏବଂ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷ ଏଡ଼ାଇବାର ସଚେତନତା ଏବଂ ଦାୟିତ୍ୱ ସଂପନ୍ନ ଜନସାଧାରଣଙ୍କ ସହଯୋଗ ସଂପର୍କରେ ଉଲ୍ଲେଖ କରି ଡିଏଫ୍ଓ ସନ୍ନି ଖୋଖର୍ ଏପରି ଏକ ସ୍ପର୍ଶକାତର ବିଷୟରେ ବ୍ୟାପକ ପ୍ରଚାରପ୍ରସାର ସହ ଜନସଚେତନତା ସୃଷ୍ଟି ନିମନ୍ତେ ଉପସ୍ଥିତ ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏଥିସହ ସାମ୍ବାଦିକମାନଙ୍କ ଦ୍ୱାରା ବନ୍ୟପ୍ରାଣୀ ସୁରକ୍ଷା ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରକୃତି ପ୍ରେମୀ, ଘରଚଟିଆ ଆଦି ପକ୍ଷୀ ସଂରକ୍ଷକ ତଥା ଗବେଷକ ଏବଂ ବନ୍ୟପ୍ରାଣୀ ସ୍ୱେଚ୍ଛାସେବୀ ଯୋଗଦେଇ ଏ ସଂପର୍କିତ ବିଭିନ୍ନ ସମସ୍ୟା ଉତ୍ଥାପନ କରିବା ସହ ଏହାର ନିରାକରଣ ପାଇଁ ଡିଏଫଓଙ୍କୁ ନିବେଦନ କରିଥିଲେ । ଆଗାମୀ ଦିନରେ ଉପଯୋଗୀ ପରାମର୍ଶଗୁଡିକ କାର୍ଯ୍ୟନ୍ୱୟନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଡିଏଫ୍ଓ ସୂଚନା ଦେଇଥିଲେ । ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଜଙ୍ଗଲ ସଂରକ୍ଷଣ, ବନ୍ୟପ୍ରାଣୀ ସୁରକ୍ଷା, ଜୈବ ବିବିଧତା ସଂପର୍କିତ ସଚେତନତା ପ୍ରଦର୍ଶନୀ ଆୟୋଜନ ଦ୍ୱାରା ଭବିଷ୍ୟତ ପିଢ଼ି ନିମନ୍ତେ ଜୀବନଦାୟୀ ପ୍ରାକୃତିକ ସମ୍ବନ୍ଧ ବଜାୟ ରଖିବା, ଏହାକୁ ଜାଣିବା ଏବଂ ଏଥିରେ ପ୍ରତ୍ୟକ୍ଷ ଜନସହଯୋଗ ନିମନ୍ତେ ପ୍ରୟାସ କରାଯାଉଛି । ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଲି ଆୟୋଜନ ପୂର୍ବକ ସଚେତନତା ସହ ଏ ଦିଗରେ ଯୁବକମାନଙ୍କ ଭୂମିକା ପ୍ରତି ଗୁରୁତ୍ୱାରୋପ କରାଯାଉଛି । ଡିଏଫ୍ଓଙ୍କ ସୂଚନା ଅନୁଯାୟୀ ବ୍ରହ୍ମପୁର ଉପଖଣ୍ଡରେ ୯୫ ସଂଖ୍ୟକ କୁମ୍ଭୀର, ୨,୦୫, ୨୯୩ ଅଲିଭ୍ ରିଡ଼ଲେ କଇଁଛ ଗଣ ଅଣ୍ଡାଦାନ ସ୍ଥଳୀ ଏବଂ ୧୦,୬୦୪ ସାମୟିକ ଅଣ୍ଡାଦାନ ସ୍ଥଳୀ, ୨୦୨୫-୨୬ ବନ୍ୟପ୍ରାଣୀ ଗଣନାନୁଯାୟୀ ଅଦ୍ୟାବଧି ୧୪ ଟି ହାତୀ, ୨୮୫୬ ସଂଖ୍ୟକ କୃଷ୍ଣସାର ମୃଗ ଏବଂ ୧୩ଟି ଏରାୱାଡି ଡଲ୍‌ଫିନ୍ ଅଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଫରେଷ୍ଟ ରେଞ୍ଜ ଅଫିସର ବିମ୍ବାଧର ସାହୁ ଉପସ୍ଥିତ ଥିଲେ ।

# ଦାଦନ ଶ୍ରମିକଙ୍କ ଘରେ ପ୍ରଶାସନିକ ଅଧିକାରୀ

**ସିନାପାଲି ୨୯।୦୯ (ନି.ସୂ)** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ସିନାପାଲି ବ୍ଲକ ନଙ୍ଗଲବୋଡ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଆୟୋଜିତ ହେବା ସହ 'ଝିଅ ପାଇଁ ଗଛଟିଏ', 'ପକ୍ଷୀ ପାଇଁ ଦିନଟିଏ' ଓ ପ୍ରବାସୀ ଶ୍ରମିକ ଘର ପରିଦର୍ଶନ ସହିତ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରବାସୀ ଭାବରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ନଯାଇ ନିଜ ଅଞ୍ଚଳରେ ସରକାରୀ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାର କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିବାକୁ ଜିଲ୍ଲାପାଳ ଓ ସିନାପାଲି ବି.ଡି.ଓ ଙ୍କ ସମେତ ଅନ୍ୟ ଜିଲ୍ଲା ଅଧିକାରୀ ନିଜ ନିଜ ବିଭାଗର ଯୋଜନା ଗୁଡିକ ଉପରେ ଶ୍ରମିକ ମାନଙ୍କୁ ବୁଝାଇଥିଲେ ।ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ବି.ଡି.ଓ କାର୍ମୀ ଓରାମ,ସି.ଡି.ଏମ୍.ଓ ଦ୍ୱାରିକା ନାଥ ଶତପଥୀ, ସିନାପାଲି ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝୀ ମଞ୍ଚାସିନ ଥିବା ବେଳେ, ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଗ୍ରାମର ଜଣେ ପ୍ରବାସୀ ଶ୍ରମିକ ଟିକଚନ୍ ମାଝୀ ଯିଏ କି ପୂର୍ବରୁ ଦାଦନ ଶ୍ରମିକ ଭାବରେ ଅନ୍ୟ ରାଜ୍ୟକୁ ଯାଇ ଶ୍ରମିକ କାମ କରି ଅର୍ଥ ଉପାର୍ଜନ କରୁଥିଲା ତାଙ୍କ ଘରକୁ ଜିଲ୍ଲାପାଳ ମଧୁସୂଦନ ଦାସ, ବି.ଡି.ଓ କାର୍ମି ଓରାମ ଓ



ଅନ୍ୟାନ୍ୟ ଅଧିକାରୀ ଯାଇଥିଲେ। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇ ନିଜ ଅଞ୍ଚଳରେ କାମ କରୁଛି ବୋଲି ସେହି ଶ୍ରମିକ ମତ ପ୍ରକାଶ କରିଥିଲେ । ପୁଣି ଆଉକିଛି ଯୋଜନାରେ ତାଙ୍କୁ ସାମିଲ କରିବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଡି.ଏସ୍.ଡବ୍ଲୁ.ଓ, ଏ.ଡି.ଏସା.ଡବ୍ଲୁ.ଓ, ସି.ଡି.ପି.ଓ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ପରମାନନ୍ଦ ମାଝୀ କାର୍ଯ୍ୟକ୍ରମ ଆୟୋଜନ ହେବାରେ ସହଯୋଗ କରିଥିଲେ ।

# ପୁଅ ଆଖି ଆଗରେ ପ୍ରଖର ନଦୀରେ ଭାସିଯାଇ ବାପା ଅର୍ଜୁନ ମୁଣ୍ଡା ନିଖୋଜ

ବାଲିଗୁଡା,୨୯।୦୯ (ନି.ସୂ) କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କଳିସା ପଦର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ପୁଅ ଆଖି ଆଗରେ ପ୍ରଖର ସ୍ରୋତରେ ଭାସିଗଲେ ୬୫ ବର୍ଷୀୟ ଅର୍ଜୁନ ମୁଣ୍ଡା ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଜଣେ ୬୫ ବର୍ଷୀୟ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ନିଖୋଜ ବ୍ୟକ୍ତିଜଣକ ହେଲେ ଅର୍ଜୁନ ମୁଣ୍ଡା।

ସୂଚନା ଯୋଗ୍ୟ ଯେ, ବୃଦ୍ଧ ଅର୍ଜୁନ ମୁଣ୍ଡା ନିଜ ପୁଅ ଗତକାଲି ନିଜ ପୁଅଙ୍କ ସହ ନିକଟସ୍ଥ ଜଙ୍ଗଲକୁ କାଠ ଓ କୋଇଲା ସଂଗ୍ରହ ପାଇଁ ବାହାରିଥିଲେ। ଜଙ୍ଗଲକୁ ଯିବା ବାଟରେ ପଡୁଥିବା ରାହୁଲ ନଦୀ ପାର ହେଉଥିବା ସମୟରେ ହଠାତ୍ ପ୍ରଖର ସ୍ରୋତରେ ଅର୍ଜୁନ ମୁଣ୍ଡାଙ୍କ ଗୋଡ଼ ଖସିଯାଇଥିଲା।ପୁଅଙ୍କ ଆଖି ଆଗରେ ମୁହୂର୍ତ୍ତକ ମଧ୍ୟରେ ସେ ନଦୀ ସ୍ରୋତରେ



ଭାସିଯାଇଥିଲେ। ବାପାଙ୍କୁ ବଞ୍ଚାଇବା ପାଇଁ ପୁଅ ଉଦ୍ୟମ କରିଥିଲେ ମଧ୍ୟ ପ୍ରଖର ସ୍ରୋତ ଯୋଗୁଁ ସଫଳ ହୋଇପାରିନଥିଲେ ।ନଦୀକୂଳକୁ ଯାଇଥିବା ସମୟରେ ହଠାତ୍ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ପୁଅ ନିଜ ଆଖି ଆଗରେ ବାପାଙ୍କୁ ସ୍ରୋତରେ ଭାସିଯାଉଥିବାର ଦେଖିଥିଲେ ମଧ୍ୟ ସ୍ରୋତ ଏତେ ପ୍ରବଳ ଥିଲା ଯେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା।

ଘଟଣା ପରେ ସ୍ଥାନୀୟ ଲୋକେ ଓ ଉଦ୍ଧାରକାରୀ ଦଳ ନିଖୋଜ ବୃଦ୍ଧଙ୍କର ସନ୍ଧାନ ଜାରି ରଖିଛନ୍ତି। ଏହି ଅଭାବନୀୟ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ଘଟଣା ପରେ ଅର୍ଜୁନ ମୁଣ୍ଡା ନିଖୋଜ ହୋଇଯାଇଥିଲେ ।ଖବର ପାଇ ତୁମୁଡ଼ିବନ୍ଧ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ଖୋଜାଖୋଜି କରାଯାଇଥିଲେ ମଧ୍ୟ ଅର୍ଜୁନ ମୁଣ୍ଡାଙ୍କ କୌଣସି ପତ୍ତା ମିଳିନଥିବା ଜଣାପଡ଼ିଛି। ଘଟଣାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଦୁଃଖ ଓ ଆଶଙ୍କା ପ୍ରକାଶ ପାଇଛି। ବୃଦ୍ଧଙ୍କ ସନ୍ଧାନ ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ଅଭିଯାନ ଜାରି ରହିଛି।

# ସ୍ୱାଧୀନତା ସଂଗ୍ରାମୀ ଯୋଗେଶ୍ୱର କୁମୁରାଙ୍କ ୮୮ତମ ପ୍ରଜାମେଳିର ସ୍ମୃତିକୁ ମନେ ପକାଇଲେ ଗ୍ରାମବାସୀ

ବଲାଙ୍ଗିର,୨୯।୯ (ନି.ସୂ) ବଲାଙ୍ଗିର ମାଟିର ବରପୁତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ ଜନନେତା ତଥା ବିଶିଷ୍ଟ ଆଦିବାସୀ ନେତା ଯୁଗେଶ୍ୱର କୁମୁରାଙ୍କ ସ୍ମୃତିରେ ଚୁଡାପାଲି ଠାରେ ବର୍ଣ୍ଣାଢ୍ୟ ପରିବେଶରେ ବିଶାଳ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସ୍ମୃତି ସଭାକୁ ଶରତ ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଅଶ୍ୱିନୀ କୁମାର ନାୟକ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ । ଶ୍ରୀ ବିଶିଙ୍କ ମନ୍ତବ୍ୟରେ ବଲାଙ୍ଗିରର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଯୋଗେଶ୍ୱର କୁମୁରାଙ୍କ ନାମ ଗୌରବମୟ ଅକ୍ଷରରେ ଲିପିବଦ୍ଧ । ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ ବରଂ ସାମନ୍ତବାଦୀ,



ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସାଧାରଣ ପ୍ରଜାଙ୍କ ସ୍ୱରକୁ ସଂଗଠିତ କରିଥିବା ଜଣେ ସାହାସି ଜନନେତା ଥିଲେ । ସ୍ଥାନୀୟ ଐତିହାସିକ ସ୍ମୃତି ଅନୁସାରେ ୨୯ ସେପ୍ଟେମ୍ବର ୨୦୧୯ ରେ ଚୁଡାପାଲିରୁ ବଲାଙ୍ଗିର ଅଭିମୁଖେ ତାଙ୍କ ନେତୃତ୍ୱରେ ପ୍ରାୟ ୧୦ହଜାର ରୁ ଅଧିକ ପ୍ରଜାଙ୍କୁ ନେଇ ଐତିହାସିକ ପ୍ରଜାମେଳି ଆୟୋଜିତ କରିଥିଲେ । ସେହି ଐତିହାସିକ ଜନସମାବେଶ ଅଂଚଳର ପ୍ରଜା ଆନ୍ଦୋଳନ ଓ ଜନଜାଗରଣ ର ଏକ ଅମର ଅଧ୍ୟାୟ ଭାବେ ସ୍ମରଣୀୟ ହୋଇ ରହିଛି । ସ୍ୱାଧୀନତା ପରବର୍ତ୍ତି ସମୟରେ ସେ ସଂସଦୀୟ ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ହୋଇ ଗଣତାନ୍ତ୍ରିକ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେ ଆହୁରି କହିଥିଲେ ଯେ ପଶ୍ଚିମ ଓଡିଶା ଓ ବଲାଙ୍ଗିର ଅଂଚଳର ଅନେକ ଆଦିବାସୀ, ଦଳିତ, କୃଷକ ଓ ସାଧାରଣ ପ୍ରଜା ନେତାଙ୍କ ସ୍ୱାଧୀନତା ସଂଗ୍ରାମର ଅବଦାନ ଏ ଯାବତ ଯଥୋଚିତ ଭାବରେ ଐତିହାସିକ ଦଲିଲ, ପାଠ୍ୟକ୍ରମ ଓ ଜନସ୍ମୃତିରେ ସ୍ଥାନ ପାଇ ନାହିଁ । ସେମାନଙ୍କ ଜିବନ, ସଂଗ୍ରାମ ଓ ବଳିଦାନକୁ ଗବେଷଣା, ସଂରକ୍ଷଣ ଓ ନୂତନ ପିଢି ସମ୍ମୁଖରେ ପହଂଚାଇବା ପାଇଁ ଓଡିଶା ସରକାର ତୁରନ୍ତ ସ୍ୱାଧିନତା ସଂଗ୍ରାମୀ ଯୋଗେଶ୍ୱର କୁମୁରା ସ୍ମୃତି ପୀଠ ଚୁଡାପାଲି କୁ ଘୋଷଣା କରନ୍ତୁ। ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ ସହ ବୁଦ୍ଧିଜିବୀ ନିଳମଣି ଦଣ୍ଡସେନା, ରାଜୁ ଦିପ,ଚମରା ଧରୁଆ, ଶୁଶିଲ ବେହେରା, ପଂକଜ ମାଲ, ସନ୍ତୋଷ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଗୁମ୍ମା ଓ ସେରଙ୍ଗରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

# ଦୋକାନ ଦୋକାନ ଯାଞ୍ଚ; ୧୬ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ

ପାରଳାଖେମୁଣ୍ଡି, ୨୯।୯ (ନି ସୂ ): ଦୋକାନରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଓ ନିରାପତ୍ତା ଯାଞ୍ଚ ପାଇଁ ଗୁମ୍ମା ଓ ସେରଙ୍ଗ ଅଞ୍ଚଳରେ ମଙ୍ଗଳବାର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଣି ଅହିତ୍ୟା ସଲାଗ୍ରାମଙ୍କ ନେତୃତ୍ୱରେ ଏହି ଅଭିଯାନ ହୋଇଥିଲା। ଅଧିକାରୀମାନେ ବିଭିନ୍ନ ଦୋକାନରେ ପହଞ୍ଚି ଖାଦ୍ୟ ସାମଗ୍ରୀର ମାନ, ପ୍ୟାକେଜିଂ, ଲେବଲ୍ ?, ଉତ୍ପାଦନ ଓ ବୈଧତା ତାରିଖ ଯାଞ୍ଚ କରିଥିଲେ। ଏଥିସହ ଖାଦ୍ୟ ସାମଗ୍ରୀ ସଠିକ୍ ? ଭାବେ ସଂରକ୍ଷଣ କରାଯାଉଛି କି ନାହିଁ, ସେନେଇ ମଧ୍ୟ ତଦାରଖ କରାଯାଇଥିଲା ।ଯାଞ୍ଚ ବେଳେ ଅଟା, ସୁଜି, ମଇଦା, ଡାଲି, ବିସ୍କୁଟ ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀର ୧୬ଟି ନମୁନା ସଂଗ୍ରହ କରାଯାଇଛି। ସଂଗୃହୀତ ନମୁନାଗୁଡ଼ିକୁ ଗୁଣବତ୍ତା ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯାଇଛି । ପରୀକ୍ଷା



ରିପୋର୍ଟରେ ଖାଦ୍ୟ ସାମଗ୍ରୀରେ ମାନ ଅନୁପଯୁକ୍ତତା କିମ୍ବା ଅନ୍ୟ କୌଣସି ତ୍ରୁଟି ଥିବା ଜଣାପଡ଼ିଲେ ନିୟମାନୁଯାୟୀ ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଖାଦ୍ୟ ନିରୀକ୍ଷକ ଅହିତ୍ୟା ସଲାଗ୍ରାମ କହିଛନ୍ତି। ଗୁମ୍ମା ଓ ସେରଙ୍ଗ ଭଳି ଦୁର୍ଗମ ଅଞ୍ଚଳରେ ଏଭଳି ଅଚାନକ ଯାଞ୍ଚକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଖାଦ୍ୟ ସାମଗ୍ରୀର ମାନ ଓ ନିରାପତ୍ତା ନିଶ୍ଚିତ କରିବା ପାଇଁ ଆଗାମୀ ଦିନରେ ମଧ୍ୟ ନିୟମିତ ଯାଞ୍ଚ ଜାରି ରଖିବାକୁ ସାଧାରଣରେ ଦାବି ହୋଇଛି।

# ଲଗାଣ ବର୍ଷାରେ ରାସ୍ତା ଜଳବନ୍ଦୀ

ଜଳେଶ୍ୱର,୨୯।୯ (ନି.ସୂ): ଜଳେଶ୍ୱର ସହରର ୱାର୍ଡ ନମ୍ବର ୭ ଓ ୮ର ମୁଖ୍ୟ ରାସ୍ତାରେ ଲଗାଣ ବର୍ଷାରେ ପାଣି ଜମି ରହିବା ଯୋଗୁଁ ଅଞ୍ଚଳବାସୀଙ୍କ ଯାତାୟାତରେ ଦୀର୍ଘଦିନ ଧରି ସମସ୍ୟା ଦେଖାଦେଉଛି । ଏହି ଜନସମସ୍ୟାକୁ ଗୁରୁତ୍ୱର ସହ ନେଇ ଆଜି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, କନିଷ୍ଠ ଯନ୍ତ୍ରୀ ସପନ ପାଲ ଏବଂ ବିଜେପିର ଏକ ପ୍ରତିନିଧିମଣ୍ଡଳୀ ସ୍ଥଳ



ପରିଦର୍ଶନ କରି ଜଳବନ୍ଦୀ ସମସ୍ୟାର କାରଣ ଓ ସ୍ଥାୟୀ ସମାଧାନ ନେଇ ଆଲୋଚନା କରିଥିଲେ ।ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୭ନଂ ୱାର୍ଡ଼ର ଷଷ୍ଠୀ ଦେବୀ ଛକଠାରୁ ୮ନଂ କାଠପୋଲ ପର୍ଯ୍ୟନ୍ତ କଂକ୍ରିଟ ଡ୍ରେନ୍ ନିର୍ମାଣ ନିମନ୍ତେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀଙ୍କୁ ତୁରନ୍ତ ପତ୍ର ଲେଖି ଆବଶ୍ୟକ ଅନୁମୋଦନ ଓ ପଦକ୍ଷେପ ପାଇଁ ଅନୁରୋଧ କରାଯିବ। ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଓ ଅନୁମୋଦନ ପରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ପଥ ପ୍ରଶସ୍ତ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ, ନଗର ସଭାପତି ଶିବନାରାୟଣ ମହାପାତ୍ର, ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ପୂର୍ବତନ କାଉନସିଲର ଅନନ୍ତ ଦାସ, ବିଶ୍ୱଭୂଷଣ ଦାସ, ଅଜିତ ରାୟ, ବନବିହାରୀ ପଟ୍ଟନାୟକ, ବଲ୍ଲଭ ଘୋଷ, ଭରତ ଧଳ , ଦେବବ୍ରତ ପାଣିଗ୍ରାହୀ, ମଞ୍ଜୁଲିକା ଘୋଷ, ଇନ୍ଦୁମତି ଗିରିଙ୍କ ସହ ବହୁ ସ୍ଥାନିୟ ୱାର୍ଡ ବାସିନ୍ଦା ଉପସ୍ଥିତ ଥିଲେ ।

## ବନ୍ଦ ଡାକରା ପୂର୍ବରୁ ରାସ୍ତା ମରାମତି ଆରମ୍ଭ

# ଫୁଲନଖରା-ନିଆଳି ରାସ୍ତାକୁ ନେଇ ରାଜନୀତି ନା ଲୋକଙ୍କ ସମସ୍ୟା ?

ଫୁଲନଖରା,୨୯।୯: ବହୁ ପ୍ରତୀକ୍ଷିତ ଫୁଲନଖରା-ନିଆଳି ରାସ୍ତାର ମରାମତି କାର୍ଯ୍ୟ ଶେଷରେ ଆରମ୍ଭ ହୋଇଛି। ଦୀର୍ଘଦିନ ଧରି ଖାଲଖମାରେ ପରିଣତ ହୋଇଥିବା ଏହି ରାସ୍ତାର ତୁରନ୍ତ ମରାମତି ପାଇଁ ବିଭିନ୍ନ ସଂଗଠନ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟାତ କରୁଥିବାରୁ ରାସ୍ତାର ଦୁରବସ୍ଥା ନେଇ ଅସନ୍ତୋଷ ମଧ୍ୟ ରହିଥିଲା। ଇତିମଧ୍ୟରେ ବିରୋଧୀ ବିଜୁ ଜନତା ଦଳର ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ପକ୍ଷରୁ ଆସନ୍ତା ୨୯ ତାରିଖ ସୁଦ୍ଧା ରାସ୍ତା ମରାମତି ଆରମ୍ଭ ନହେଲେ ୩୦ ସେପଟ୍ଟେମ୍ବରରେ ବ୍ରାହ୍ମଣଝରିଲୋ ଛକରେ ରାସ୍ତାରୋକ କରାଯିବ ବୋଲି ପ୍ରଶାସନକୁ ଲିଖିତ ଚେତାବନୀ ଦିଆଯାଇଥିଲା। ତେବେ ରାସ୍ତାରୋକ ଡାକରା ପୂର୍ବରୁ ହିଁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଏବେ ବିରୋଧୀଙ୍କ ଆନ୍ଦୋଳନର ଆବଶ୍ୟକତା ଓ ଉଦ୍ଦେଶ୍ୟକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି। ଲୋକଙ୍କ ସମସ୍ୟା ସମାଧାନ ହେବା ମୁଖ୍ୟ ଲକ୍ଷ୍ୟ ହେଲେ, ସମାଧାନର ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ସମୟରେ ରାସ୍ତାରୋକ ଭଳି ପଦକ୍ଷେପ କେବଳ ସାଧାରଣ ଲୋକଙ୍କ ଯାତାୟାତକୁ ଅଧିକ ଅସୁବିଧାରେ ପକାଇବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ, ନିଆଳି ବିଧାୟକ ଇଂ. ଛବି



ମଲ୍ଲିକଙ୍କ ନିରନ୍ତର ପ୍ରୟାସ ପରେ ଏହି ରାସ୍ତା ମରାମତି ପାଇଁ ପ୍ରାୟ ୫୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଫୁଲନଖରା ଛକରୁ ପ୍ରାୟ ୧୭ କିଲୋମିଟର ଅଞ୍ଚଳରେ ଏହି ଅର୍ଥରେ ମରାମତି କାର୍ଯ୍ୟ କରାଯିବ। ଟେଣ୍ଡର ପ୍ରକ୍ରିୟା ଚାଲିଥିବା ବେଳେ ତୁରନ୍ତ ଯାତାୟାତ ଯୋଗ୍ୟ କରିବା ପାଇଁ ଆର୍ ଆଣ୍ଡ୍ ବି ଡିଭିଜନ୍-୨ ପକ୍ଷରୁ ପ୍ରାଥମିକ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ବିଭାଗୀୟ ସୂଚନା ଅନୁଯାୟୀ, ରାସ୍ତାର ଯେଉଁ ସ୍ଥାନରେ ବଡ଼ ବଡ଼ ଖାଲ ରହିଛି, ସେଗୁଡ଼ିକୁ ତଡ଼ାଯାଇ ଡଷ୍ଟ ଓ ଗୋଡ଼ି ପକାଇ ପୂରଣ କରାଯାଉଛି। ଫଳରେ ତୁରନ୍ତ ଯାତାୟାତରେ ସୁବିଧା ହେବ। ସ୍ଥାୟୀ ମରାମତି ପାଇଁ ହୋଇଥିବା ୫୩ ଲକ୍ଷ ଟଙ୍କାର ଟେଣ୍ଡର ଆସନ୍ତା ୬ ତାରିଖରେ ଖୋଲାଯିବା ପରେ ଶୀଘ୍ର ଅଗ୍ରିମେଣ୍ଟ ପ୍ରକ୍ରିୟା ଶେଷ କରି ଯୁଦ୍ଧକାଳୀନ ଭିତ୍ତିରେ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ୩୦ ସେପଟ୍ଟେମ୍ବରରେ ରାସ୍ତାରୋକ କରିବା ନିଷ୍ପତ୍ତିରୁ ବିରୋଧୀ ଦଳ ନିବୃତ୍ତ ରହିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶାସକ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। କାରଣ ଏହି ରାସ୍ତା ଉପରେ ଦୈନିକ ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀଙ୍କ ସମେତ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ନିର୍ଭର କରେ। ରାସ୍ତାରୋକ ହେଲେ ସାଧାରଣ ଲୋକଙ୍କ ସହ ଜରୁରୀ ସେବା ମଧ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଲୋକଙ୍କ ଦାବିକୁ ନେଇ ଆନ୍ଦୋଳନ କରିବା ଗଣତାନ୍ତ୍ରିକ ଅଧିକାର ହୋଇଥିଲେ ମଧ୍ୟ, ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ ହୋଇସାରିବା ପରେ ମଧ୍ୟ ରାସ୍ତାରୋକ କରିବାକୁ ଜିଦ୍ ଧରିବା କେତେଦୂର ଲୋକସ୍ୱାର୍ଥରେ ତାହା ଏବେ ବଡ଼ ପ୍ରଶ୍ନ। ରାଜନୈତିକ କାର୍ଯ୍ୟକ୍ରମ ଅପେକ୍ଷା ଲୋକଙ୍କ ଯାତାୟାତ ଓ ଜରୁରୀ ସେବାକୁ ପ୍ରାଥମିକତା ଦେବା ହିଁ ଏ ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଉଛି। ରାସ୍ତା ମରାମତି କାମ ଆରମ୍ଭ ହୋଇଛି; ଏବେ ଆବଶ୍ୟକ ହେଉଛି କାମର ଗୁଣବତ୍ତା ଓ ସମୟସୀମା ଉପରେ ନଜର ରଖି ନିର୍ଦ୍ଧାରିତ ସମୟରେ ସ୍ଥାୟୀ ମରାମତି ସମ୍ପୂର୍ଣ୍ଣ କରିବା। ସରକାର ଓ ବିଭାଗ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇଥିବା ବେଳେ, ଏବେ ରାଜନୀତି ନୁହେଁ ରାସ୍ତାର ସ୍ଥାୟୀ ସମାଧାନ ହିଁ ଲୋକଙ୍କ ପ୍ରାଥମିକ ଦାବି।

# ଖପ୍ରାଖୋଲରେ ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

## ୫୮୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଖପ୍ରାଖୋଲ ୨୯।୦୯, ଜ୍ୟୋତି ରଞ୍ଜନ ପଣ୍ଡା (ନି.ସୂ) : ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନୀତ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବଲାଙ୍ଗୀର ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇସାଲ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ କରଣ ବିଭାଗ ଦ୍ୱାରା ଭିନ୍ନକ୍ଷମ ଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହିତ ସାମର୍ଥ୍ୟ ଶିବିର ରେ ବିଭିନ୍ନ କ୍ଷେତ୍ର ରେ



ଭିନ୍ନକ୍ଷମ ଥିବା ବ୍ୟକ୍ତି ବିଶେଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରମାଣ ପତ୍ର ପ୍ରଦାନ, ବିଭିନ୍ନ ଉପକରଣ ପ୍ରଦାନ ପାଇଁ ହିତାଧିକାରୀ ଚିହ୍ନଟ ଉପରେ ଆଲୋଚନା ହୋଇଥିଲା। ଶିବିରରେ ଶାରୀରିକ ସମ୍ପର୍କିତ ସମସ୍ୟା ପାଇଁ ୩୦୪ ଜଣ, ଶ୍ରବଣ ବାଧିତ ୮୭,ଦୃଷ୍ଟିବାଧିତ ୪୮, ମାନସିକ ଅନଗ୍ରସର ୮୪ ଓ ବିଭିନ୍ନ ଉପକରଣ ପ୍ରଦାନ ପାଇଁ ୬୦ ଜଣ ନାମ ପଞ୍ଜିକରଣ କରିଥିବା ବେଳେ ମୋଟ ୫୮୩ ଜଣ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି। ଏହି ଅବସରରେ ବଲାଙ୍ଗୀର ରୁ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମ କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# କବିବର ରାଧାନାଥ ରାୟଙ୍କ ୧୭୯ତମ ଜନ୍ମଜୟନ୍ତୀ ପାଳିତ

ଜଳେଶ୍ୱର ୨୯।୯ (ନି.ସୂ) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣ ନାଥ ପଂଚାୟତ ସ୍ଥିତ ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମଣନାଥ,ଜଳେଶ୍ୱର ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ କବିବର ରାଧାନାଥ ରାୟଙ୍କର ୧୭୯ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ସାହିତ୍ୟିକ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି । ବକ୍ତବ୍ୟରେ କହିଥିଲେ କବିବର ରାଧାନାଥ ରାୟ ହେଉଛନ୍ତି ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମନ୍ୱୟ ର ଅମୃତମୟ ଫଳ। ତାଙ୍କ ଲିଖିତ କବିତା ମହାକାବ୍ୟମହାଯାତ୍ରା,ଉର୍ବଶୀ କେଦାର ଗୌରୀ,ଚିଲିକା, ଚନ୍ଦ୍ର ଭାଗା ପ୍ରଭୃତି ଆମ ଓଡ଼ିଆ ସାହିତ୍ୟ ପାଇଁ ଶ୍ରେଷ୍ଠ ଅବଦାନ ।ଏହି ପବିତ୍ର ସ୍କୁଲ କୁ ପରିଦର୍ଶକ ହୋଇ ପରିଦର୍ଶନ ରେ ଆସିଥିଲେ। ଏ ମାଟି ଅତ୍ୟନ୍ତ ପବିତ୍ର। ପ୍ରତି ବର୍ଷ ଏ ସ୍କୁଲ ପରିସରରେ କବିବର ରାଧାନାଥ ରାୟ ଙ୍କ ଜନ୍ମ ଜୟନ୍ତୀ ପାଳିତ ହେଉ ବୋଲି ପ୍ରଧାନ ଶିକ୍ଷକ ତଥା ଆଲୁମିନି ସଭାପତି ଓ ପରି ଚାଳନା କମିଟି ର



ସଦସ୍ୟ ମାନଙ୍କ ଠାରେ ପ୍ରସ୍ତାବ ରଖିଥିଲେ। ତରେଣ୍ୟ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ଉପ ସଭାପତି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟ ରେ କହିଥିଲେ କବିବର ରାଧା ନାଥ ରାୟ ହେଉଛନ୍ତି ଓଡିଆ ଅସ୍ମିତା ର କବି ଥିଲେ ଏବଂ ଓଡ଼ିଆ ସାହିତ୍ୟ ର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିବା ମଣିଷ। ତାଙ୍କ ଦ୍ୱାରା ଲିଖିତ କବିତା ଅତ୍ୟନ୍ତ ଉଚ୍ଚ କୋଟୀ ର ଉତ୍କଳ କମଳା ବିଳାସ ଦିର୍ଘୀକା ମରାଳ ମାଳିନୀ ନୀଳାମ୍ବୁ ଚିଲିକା ତଥା ସର୍ବେଂ ସ୍ୱାହା ସଂସ୍କୃତ କବିତା ର ସ୍ରଷ୍ଟା ତଥା ପ୍ରକୃତୀ ଚିତ୍ରଣ, ପ୍ରଥମ ବିବେକୀ,ତରବାର, ନନ୍ଦୀ କେଶ୍ୱରୀ,ଓଷା, ପାର୍ବତୀ କାବ୍ୟ କବିତା ରଚନା କରି ଛନ୍ତି କବିବର ରାଧାନାଥ ରାୟ କଂ ସ ?ଷ୍ଟି ବୋଲି କହିଥିଲେ। ଆଲୁମିନି ର ସଭାପତି ପ୍ରାଧ୍ୟା ପକ ଶ୍ୟାମା ଚରଣ ଦାସ, ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବୀର ମାର୍ଣ୍ଡି , ସମାଜ ସେବୀ ମିହୀର କୁମାର ଭୂୟାଁ, ବିଶିଷ୍ଟ କବି ବସନ୍ତ କୁମାର ଦାସ,କବି ରଂଜନ କୁମାର ଘୋଷ ।ସଂଜୀ ବ କୁମାର ଦାସ,ସୁରମା ଧଳ,ରାଜଶ୍ରୀ ଧଳ, ବିମଳ କୁମାର ନାୟକ, କିଷ୍ଟ ସେ !ରେନ,ନିଶିକାନ୍ତ ମାନ୍ନା, ପୁଣ୍ୟ ତେ !ୟା ଜେନା,ପୁଷ୍ପଲତା ସିଂ, ପ୍ରୀତି ପ୍ରଜ୍ଞା ବେହେରା, ନିର୍ମଳା ରାଣୀ ପାତ୍ର,ଗଣେଶ ଚଂଦ୍ର ସିଂ, ସତ୍ୟ ନାରାୟଣ ସିଂହ, ଫୁଲ ମଣି ମାରାଣ୍ଡି,ଦେବଦତ୍ତ ମିଶ୍ର,ସମୀର କୁମାର ବିଶ୍ୱା ଳ,ପ୍ରଥମେ ଅନୁଷ୍ଠାନ ପରିସ ରରେ ଥିବା କବିବର ରାଧା ନାଥ ରାୟ ଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବୀର ମାର୍ଣ୍ଡି !

# ଧୋୟାଞ୍ଚଳରେ ରବି ଫସଲ ମଣ୍ଡି ଖୋଲିବାକୁ ଦାବି

ପଟ୍ଟାମୁଣ୍ଡାଇ ୨୯।୯ (ନି.ସୂ) ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଦାଣ୍ଡିସାହି, ସିଂହଗାଁ ନୂଆପାଟଣା, ରାଉଳିଆ, କୃଷ୍ଣଦାସପୁର,ତରଡ଼ିପାଳ, କୋଳଥିଆ ଓ ଅଳପୁଆ ଆଦି ଗାଁର ବିସ୍ତୃତ ଅଞ୍ଚଳକୁ ଜିଲ୍ଲାର ବିରି ଅମାର ବୋଲି ବୁଝାଏ। ଏହି ଗାଁ ମାନଙ୍କରେ ବନ୍ୟା ପରେ ହଜାର ହଜାର ହେକ୍ଟର ଜମିରେ ବିରି, ମୁଗ, ସୋରିଷ ଆଦି ଆଦି ଅର୍ଥକରି ରବି ଫସଲ ଚାଷ ହୋଇଥାଏ। ରାଜ୍ୟ ସରକାର ବିଳମ୍ବରେ ହେଲେବି ଏହି ଫସଲ ପାଇଁ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଚାଷୀ ମାନେ ଧାନମଣ୍ଡି ଯେଉଁପରି ଭାବରେ ପଞ୍ଜିକରଣ କରୁଛନ୍ତି ସେହିପରି ରବି ଫସଲ ପାଇଁ ମଧ୍ୟ ସେହି ନିୟମ ରହିଛି। ପେଣ୍ଠପାଳ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଧାନ ମଣ୍ଡି ରହିଥିଲେହେଁ ଧୋୟାଞ୍ଚଳରେ ଅଦ୍ୟାବଧି ରବି ଫସଲ ପାଇଁ ମଣ୍ଡି ଖୋଲାଯାଇନାହିଁ। ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅଧିକାରୀ ଓ ଯୋଗାଣ ବିଭାଗ ଅଧିକାରୀଙ୍କୁ ଧୋୟାଞ୍ଚଳର ଅନେକ ଅଗ୍ରଣୀ କୃଷକ ରବି ଫସଲ ବିଶେଷକରି ବିରି ପାଇଁ ଧୋୟାଞ୍ଚଳରେ ମଣ୍ଡି ଖୋଲିବାକୁ ଦାବି କରିଥିଲେହେଁ ପ୍ରଶାସନ ଧୋୟାଞ୍ଚଳକୁ ଉପେକ୍ଷା କରି ପଟ୍ଟାମୁଣ୍ଡାଇ ସଂଲଗ୍ନ ଚୂନଡିହ ଠାରେ ରବି ଫସଲ ମଣ୍ଡି ଖୋଲିଛନ୍ତି। ଧୋୟାଞ୍ଚଳ ଅଳପୁଆ ବା ଅଣ୍ଡରା ଠାରୁ ଚୂନଡିହର ଦୂରତା ପ୍ରାୟ ୧୮ କିମି। ଯାହାକି ଚାଷୀଙ୍କ ପାଇଁ ପରିବହନ ସମସ୍ୟା ସୃଷ୍ଟି ହେଉଛି। ରବି ଫସଲ ଅଭାବୀ ବିକ୍ରିର ସ୍ଥାୟୀ ସମାଧାନ ନିମିତ୍ତ ଉଚ୍ଚ କର୍ତୃପକ୍ଷ ଧୋୟାଞ୍ଚଳରେ ବିରି ମଣ୍ଡି ଖୋଲିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଣ୍ଡରା ସମବାୟ ସମିତି ପ୍ରାକ୍ତନ ସଭାପତି ସମବାୟବିତ୍ ଚିତ୍ତରଞ୍ଜନ ମଲ୍ଲିକ, ଅଗ୍ରଣୀ କୃଷକ ନରହରି ପ୍ରଧାନ, ଉଲ୍ଲାସ ମଲ୍ଲିକ, ରଂଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତାପ ବିଶ୍ୱାଳ, ଯଶୋବନ୍ତ ପ୍ରଧାନ, ତ୍ରିଲୋଚନ ସେଠି ପ୍ରମୁଖ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

- ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନ ଉଠାଇଲେ ପରିବାର
- କ୍ରୀଡ଼ା ଶିକ୍ଷକ ନିଲମ୍ବିତ

ଖୋରଧା ୨୯।୯(ନି.ସୂ ) : ଖୋରଧା ଜିଲାର ନରଣଗଡ଼ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଆଥଲେଟିକ୍ ମିଟ୍‌ରେ ଯୋଗଦେବାକୁ ଆସିଥିବା ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟଣାକୁ ନେଇ ଶୋକର ଛାୟା ଖେଳିଯାଇଛି। ମୃତ ଛାତ୍ର ହେଉଛନ୍ତି ବାଲିପାଟଣା ଆଦର୍ଶ ବିଦ୍ୟାଳୟର ଛାତ୍ର ଅର୍ଣ୍ଣବ ସାହୁ। ଛାତ୍ରଙ୍କ ମୃତ୍ୟୁକୁ ନେଇ ପରିବାରବର୍ଗ ଓ ସମ୍ପର୍କୀୟମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ତଦାରଖ ଏବଂ ଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ସମ୍ପୃକ୍ତ କ୍ରୀଡ଼ା ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜଙ୍କିଆ ଥାନା ଅନ୍ତର୍ଗତ ନରଣଗଡ଼ସ୍ଥିତ ଚିନ୍ତାମଣି ବିଦ୍ୟା ନିକେତନ ପରିସରରେ ଗତକାଲିଠାରୁ ଖୋରଧା ଜିଲା ଆଥଲେଟିକ୍ ମିଟ୍ ଆରମ୍ଭ ହୋଇଥିଲା। ଏଥିରେ ଜିଲକ୍ଷ ର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୧୮୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବାଲିପାଟଣା ଆଦର୍ଶ ବିଦ୍ୟାଳୟରୁ ଅର୍ଣ୍ଣବଙ୍କ ସମେତ ୮ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆସିଥିଲେ। ଆଜି ସକାଳେ ଅର୍ଣ୍ଣବ ସ୍କୁଲ ନିକଟସ୍ଥ ଏକ ପୋଖରୀକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋରଧା ଜିଲକ୍ଷ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଅର୍ଣ୍ଣବଙ୍କୁ ମୃତ ଘୋଷଣା କରିଥିଲେ।



ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଚିକିତ୍ସାଳୟ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବାଲିପାଟଣା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କଠାରୁ ସୂଚନା ପାଇ ଅର୍ଣ୍ଣବଙ୍କ ପରିବାରବର୍ଗ ଓ ସମ୍ପର୍କୀୟମାନେ ଚିକିତ୍ସାଳୟରେ ପହଞ୍ଚିଥିଲେ। ଏହି ଘଟଣା ପାଇଁ ସେମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ତଦାରଖ ବ୍ୟବସ୍ଥା ଓ ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ ।ଖବର ପାଇ ଜିଲକ୍ଷ ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଚିକିତ୍ସାଳୟରେ ପହଞ୍ଚିଥିଲେ। ଘଟଣାକୁ ନେଇ କିଛି ସମୟ ଧରି ଚିକିତ୍ସାଳୟ ପରିସରରେ ଉତ୍ତେଜନା ଲାଗିରହିଥିଲା। ପରେ ଖୋରଧା ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତା ଓ ଏସ.ଡି.ପି.ଓ ପଙ୍କଜ କୁମାର ସେଠାରେ ପହଞ୍ଚି ପରିସ୍ଥିତି



ନିୟନ୍ତ୍ରଣ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ଆବଶ୍ୟକ ଯାଞ୍ଚ କରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ମୃତ ଛାତ୍ରଙ୍କ ମାଆଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଦୁଃଖଦ ଘଟଣା ପରେ ଖୋରଧା ତହସିଲଦାର ବିଭାସ ପାଣିଗ୍ରାହୀ ଚିକିତ୍ସାଳୟରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ମୃତ ଛାତ୍ରଙ୍କ ପରିବାରକୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ପରିବାରକୁ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇଦେବାରେ ଆବଶ୍ୟକ ସହଯୋଗ କରାଯିବ ବୋଲି ସେ କହିଥିଲେ। ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ଗୁରୁତ୍ୱର ସହ ନେଇ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ପଦକ୍ଷେପ ନିଆଯାଇଛି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗ ଆଧାରରେ ସମ୍ପୃକ୍ତ କ୍ରୀଡ଼ା ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଘଟଣାର ତଦନ୍ତ ରିପୋର୍ଟ ମିଳିବା ପରେ ଅନ୍ୟ କାହାରି ଦାୟିତ୍ୱହୀନତା ସାମ୍ନାକୁ ଆସିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲକ୍ଷ ଶିକ୍ଷା ଅଧିକାରୀ ସୋନାମିକା ରାୟ କହିଛନ୍ତି।

